

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR



PARUL PATAWARI

Vol.5 ବର୍ଷ-୫ | Issue- 43 ସଂଖ୍ୟା- ୪୩ | April 4 to 10, 2022, ଏପ୍ରିଲ୍ ୪ ରୁ ୧୦, ୨୦୨୨, | Jagatsinghpur ଜଗତସିଂହପୁର, | Page-8 ପୃଷ୍ଠା-୮ | Rs. 5/- ମୂଲ୍ୟ-୫ଟଙ୍କା


## ନବୀନଙ୍କ ବଡ ଘୋଷଣା





**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡିଶା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ ଘୋଷଣା କରିଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ଆଉ ୬ମାସ ବଢିଲା ଅତିରିକ୍ତ ଚାଉଳ ବଣ୍ଟନ। ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମାସକୁ ୫କେଜି ଚାଉଳ ମିଳିବ। ଆସନ୍ତା ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ଚାଉଳ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ୮ଲକ୍ଷ ୯ହଜାର ହିତାଧିକାରୀ ଉପକୃତ। ଏଥିପାଇଁ ଷ୍ଟେଟପୁଲରୁ ୨୪ହଜାର ୨୭୦ଟନ୍ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅତିରିକ୍ତ ୯୧.୭୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ଅନେକ ହିତାଧିକାରୀ ବାଦ ପଡିଯିବାରୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା

### ମାଗଣାରେ ଚାଉଳ ମିଳିବ

ଆରମ୍ଭ ଯୋଜନା ଆରମ୍ଭ କରିଥିଲେ। ଫଳରେ କେନ୍ଦ୍ର ସରକାର ଏଥିପାଇଁ ଯେତିକି ସାମଗ୍ରୀ ଯୋଗାଣ କରୁଛନ୍ତି ରାଜ୍ୟ ସରକାରଙ୍କୁ ଅତିରିକ୍ତ ଭାବେ ସହାୟତା ଦେବାକୁ ଆଉ ୬ମାସ ମାଗଣା ଚାଉଳ ଦେବା ପାଇଁ ୨୪୨୭୦ଟନ ଚାଉଳର ଆବଶ୍ୟକତା ପଡିବ। ଏଥିପାଇଁ ୯୧.୭୦କୋଟି ଟଙ୍କା ଖର୍ଚ୍ଚ ହେବବୋଲି ଆକଳନ କରାଯାଇଛି। ତେବେ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ଯେତିକି ସହାୟତା ପାଉଛନ୍ତି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ମଧ୍ୟ ସେତିକି ସହାୟତା ଦେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## ୧୦୦ ଶକ୍ତିଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ମୋଦି ନଂ ୧



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଲଗାତାର ବଢିବାରେ ଲାଗିଛି ଓ ଦେଶର ୧୦୦ସବୁଠାରୁ ଶକ୍ତିଶାଳି ଲୋକଙ୍କ ଲିଷ୍ଟରେ ସେ ନମ୍ବର ୧ସ୍ଥାନରେ ଅଛନ୍ତି। ଏହି ଲିଷ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବ୍ୟତୀତ ଉତ୍ତର ପ୍ରଦେଶରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୋହନ ଭାଗବତ, ବିଜେପି ରଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ରହିଛନ୍ତି। ଇଣ୍ଡିଆନ୍ ଏକ୍ସପ୍ରେସ୍ ପକ୍ଷରୁ ଜାରି ୧୦୦ଶକ୍ତିଶାଳୀ ଲୋକଙ୍କ ତାଲିକାରେ ପ୍ରଧାନମନ୍ତ୍ରୀ ମୋଦି ଶୀର୍ଷରେ ରହିଛନ୍ତି। କରୋନା ମହାମାରୀରୁ ସୃଷ୍ଟି ହୋଇଥିବା ସଙ୍କଟ ଓ ଟିକା ବ୍ୟବସ୍ଥା, ବିଧାନସଭା ନିର୍ବାଚନରେ ବିଜେପିର ମଜବୁତ ହେବାର ସ୍ଥିତିରେ ମୋଦିଙ୍କର ସୁଧୁରିଛି। ଏହାଛଡା ନିକଟରେ ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରୁ ୨୨୦୦୦ରୁ ଅଧିକ ଯୁବ ଭାରତୀୟଙ୍କୁ ଏୟାରଲିଫ୍ଟ କରି ସ୍ୱଦେଶ ଆଣିବାରେ ପ୍ରଧାନମନ୍ତ୍ରୀ ମୋଦି ସବୁଠାରୁ ବାସ୍ତବିକ ନେତା ଭାବରେ ଠିଆ ହୋଇଛନ୍ତି। ଶକ୍ତିଶାଳୀ ଲୋକଙ୍କ ତାଲିକାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରେ ଦ୍ୱିତୀୟ ସ୍ଥାନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ରହିଛନ୍ତି ସେଭଳି ଲିଷ୍ଟର ତୃତୀୟ ସ୍ଥାନରେ ଆରଏସଏସ୍ ମୁଖ୍ୟ ମୋହନ ଭାଗବତ ଓ ଚତୁର୍ଥ ନମ୍ବରରେ ବିଜେପିର ରଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ରହିଛନ୍ତି। ୯୬ ବିଲିୟନ ଡଲାର ମୋଟ ସମ୍ପତ୍ତି ସହିତ ସବୁଠାରୁ ଧନୀ ଭାରତୀୟ ମୁକେଶ ଅମ୍ବାନୀ ସବୁଠାରୁ ଶକ୍ତିଶାଳୀ ତାଲିକାରେ ୫ନମ୍ବରରେ ରହିଛନ୍ତି। ପରେ ଏହି ଲିଷ୍ଟରେ ସପ୍ତମ ସ୍ଥାନରେ ଗୌତମ ଆଡାନୀ ଅଷ୍ଟମରେ ରଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ନବମ ସ୍ଥାନରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଓ ଦଶମ ସ୍ଥାନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟ ମନ୍ତ୍ରୀ ମମତା ବାନାର୍ଜୀ ୧୧ତମ ସ୍ଥାନ ପ୍ରତିରକ୍ଷା ମନ୍ତ୍ରୀ ୧୩, ଉଦ୍ଧବ ଠାକରେ ୧୬ଶରଦ ପାଓ୍ୱାର ୧୭ସୋନିଆ ଗାନ୍ଧି ୨୭, ରାହୁଲ ଗାନ୍ଧି ୫୧ଓ ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ୫୬ତମ ସ୍ଥାନରେ ରହିଛନ୍ତି।

## କଟକ ୪୩ ନଂ ୱାର୍ଡ଼ର କର୍ପୋରେଟର ପ୍ରମିଳା ମହାନ୍ତିଙ୍କ ଦାଦାଗିରି

**କଟକ(ତପନ ମହାନ୍ତି):-** ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪୩ ନମ୍ବର ୱାର୍ଡ଼ର ମହିଳା କର୍ପୋରେଟର ପ୍ରମିଳା ମହାନ୍ତିଙ୍କ ନାଁରେ ଆସିଛି ସାଙ୍ଘାତିକ ଅଭିଯୋଗ, ଆଉ ଏହି ଅଭିଯୋଗ ଆଣିଛନ୍ତି ୪୩ ନମ୍ବର ୱାର୍ଡରେ ଥିବା ସିଧେଶ୍ୱର ମହିଳା ମହାସଂଘର ସମସ୍ତ ମହିଳା ଓ ୧୧ଟି ସ୍ୱଂୟ ସହାୟିକା ଗୋଷ୍ଠୀର ସଭ୍ୟମାନେ । ନିର୍ବାଚନ ସମୟରେ କର୍ପୋରେଟର ପ୍ରାର୍ଥୀନୀ ଶ୍ରୀମତୀ ମହାନ୍ତିଙ୍କ ପାଇଁ ମହାସଙ୍ଗର ମହିଳାମାନେ ଅନେକ ସାହାଯ୍ୟ ସହଯୋଗ କରିବା ସହ ଭୋଟ ଦେଇ ଜୟଯୁକ୍ତ କରିଛନ୍ତି। ଆଉ ଏବେ ମହିଳା କର୍ପୋରେଟର ଜଣଙ୍କ ସେମାନଙ୍କୁ ସାହାଯ୍ୟ ସହଯୋଗ କରିବା ପରି ବର୍ତ୍ତେ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିବା ଭଳି ଅଭିଯୋଗ ଆଣିଛନ୍ତି ମହାସଂଘର ସଭାନେତ୍ରୀ ଅମୃତା ମହାନ୍ତି ଓ ସମ୍ପାଦିକା ଶେଫାଳି ମହାକୁଡ଼। ଏପରିକି ଉକ୍ତ ମହିଳା ମହାସଙ୍ଗକୁ ଭାଙ୍ଗି ଦେବେ ବୋଲି ଧମକ ଦେଇଛନ୍ତି ପ୍ରମିଳା। ଏହାର ପ୍ରତିବାଦରେ ଗତ ଗୁରୁବାର ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବାସଭବନ ଆଗରେ ଶହେରୁ ଉର୍ଦ୍ଧ ମହିଳାମାନେ ଧାରଣା ଦେବା ସହ ମହିଳା କର୍ପୋରେଟରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି। ଏ ବାବଦରେ କର୍ପୋରେଟର ଶ୍ରୀମତୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଏହି ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟ ଓ ଭିତ୍ତିହୀନ ।

## କଟକ ମେୟରଙ୍କ ୭ରେ ଦାୟିତ୍ୱ ଗ୍ରହଣ



**କଟକ(ସଂପର୍କବାର୍ତ୍ତା):-** ଆସନ୍ତା ଗୁରୁବାର ୭ ତାରିଖରେ କଟକର ନବ ନିର୍ବାଚିତ ମେୟର ଭାବେ ଦାୟିତ୍ୱଗ୍ରହଣ କରିବେ ସୁବାସ ସିଂହ। ସେହିଦିନ କାଉନସିଲ ବୈଠକ ବସିବା ସହିତ ଡେପୁଟି ମେୟର ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ବର୍ତ୍ତମାନ ସୁବାସ ସିଂହ ରାଜ୍ୟସଭା ସଦସ୍ୟ ଅଛନ୍ତି। ଏକ ସମୟରେ ଦୁଇଟି ପଦବିରେ ରହି କାର୍ଯ୍ୟ କରିବାରେ ଯଦିଓ ଆଇନଗତ ପ୍ରତିବନ୍ଧକ ନାହିଁ, କିନ୍ତୁ ମେୟର ଭାବେ ଦାୟିତ୍ୱନେବା ପରେ ଜଣେ ବ୍ୟକ୍ତି ରାଜ୍ୟସଭା ସଦସ୍ୟ ଭାବେ ପାଉଥିବା ଆର୍ଥିକ ତଥା ଅନ୍ୟାନ୍ୟ ସୁବିଧାସୁଯୋଗ ନେଇ ପାରିବେ ନାହିଁ। ଏଭଳି ସ୍ଥିତିରେ ସୂଚନା ଅନୁଯାୟୀ ସୁବାସ ସିଂହ ମେୟର ଦାୟିତ୍ୱନେବାର କିଛି ଦିନ ପରେ ଦଳର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ହୁଏତ ରାଜ୍ୟସଭା ସଦସ୍ୟ ପଦ ଛାଡ଼ି ପାରନ୍ତି। ସୂଚନା ଥାଉକି ନବନିର୍ବାଚିତ ମେୟର ଶ୍ରୀ ସିଂ ଜଣେ ଦକ୍ଷ ରାଜନୀତିଜ୍ଞ ଓ ଉଚ୍ଚ ବିଚାରଧାରା ବ୍ୟକ୍ତି ଭାବେ ବେଶ୍ ପରିଚିତ। ତାଙ୍କର ଏହି ବିଜୟକୁ ନେଇ ସମଗ୍ର କଟକ ସହରବାସୀଙ୍କ ମଧ୍ୟରେ ଆନନ୍ଦ ଖେଳାଇ ଦେଇଛି। ନିର୍ବାଚନ ରଣକ୍ଷେତ୍ରରେ ବିରୋଧୀ କଂଗ୍ରେସକୁ କଡା ମୁକାବିଲାର ସାମ୍ନା କରିଥିଲେ ମଧ୍ୟ ଶେଷରେ ତାଙ୍କ ବିଜୟ କଟକ ସହରବାସୀଙ୍କ ମନରେ ଖୁସି ଭରିଦେଇଥିବା ଲକ୍ଷ୍ୟ କରାଯାଉଛି।

## ଜଗତସିଂହପୁରରେ ୨ ଯନ୍ତ୍ରୀଙ୍କର କୋଟିଏ ପିସି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଯନ୍ତ୍ରୀଙ୍କ ଲାଗି ମାର୍ଚ୍ଚ ମାସଟି ହେଉଛି ପୁଷମାସ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମାର୍ଚ୍ଚ ମାସ ଆସିଛି। ହେଲେ

### ଯନ୍ତ୍ରୀଙ୍କୁ ଠିକାଦାରଙ୍କ ହତ୍ୟା ଧମକ

ଚଳିତ ମାର୍ଚ୍ଚ ମାସରେ ପିସି କାରବାର ଏତେ ମାତ୍ରାରେ ଯନ୍ତ୍ରୀ ଦାବି କରୁଛନ୍ତି ଯେ, ଠିକାଦାରମାନେ ବିରକ୍ତ ପ୍ରକାଶ କରୁଛନ୍ତି। ଏପରିକି ଜନୈକ ଠିକାଦାର ପିସି ଦେବାକୁ ମନା କରିଦେବା ପରେ ଯନ୍ତ୍ରୀ ତାଙ୍କ ବିଲ୍ କରୁନଥିବା ନେଇ ଡିଭିଜନ୍ ଅଫିସ୍‌ରେ ଅଭିଯୋଗ କରୁଛନ୍ତି ଏବଂ ଯନ୍ତ୍ରୀଙ୍କୁ ହତ୍ୟା କରିବେ ବୋଲି ଡିଭିଜନ୍ ଅଫିସ୍‌ରେ ମୁଖିଆଙ୍କୁ ଏପରି ଧମକ ଚମକ ଦେଇଯାଇଥିବା ଘଟଣା ଶୁଣିବାକୁ ମିଳୁଛି। ସହକାରୀ ଯନ୍ତ୍ରୀ ଜଣଙ୍କ ହେଉଛନ୍ତି ତିର୍ତ୍ତୋଲ୍ ଅଞ୍ଚଳର। ହତ୍ୟା ଧମକ ଦେଉଥିବା ଠିକାଦାର ଜଣକ ସେଠାକାର ଆଖପାଖ ଅଞ୍ଚଳର। ଦୁଃସାହାସିକତାର ସହିତ ସଂପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ହତ୍ୟା କରିବାକୁ ଡିଭିଜନ୍ ଅଫିସ୍‌ରେ ଡିଭିଜନ୍ ମୁଖିଆଙ୍କ ଚେତାବନୀ ଦିଆଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମାର୍ଚ୍ଚ ମାସରେ କେତେକ ନିର୍ବାହୀ ଯନ୍ତ୍ରୀ ପିସି ନିଅନ୍ତି ସତ କିନ୍ତୁ ସିଧାସଳଖ ନେଇନଥାନ୍ତି। ପ୍ରତ୍ୟେକ ଏରିଆର ଯନ୍ତ୍ରୀମାନଙ୍କ ମାଧ୍ୟମରେ ପିସି ନେଇଥାନ୍ତି। ଗତ ବର୍ଷ ଏହି "ସଂପର୍କବାର୍ତ୍ତା"ରେ ଉଲ୍ଲେଖ କରିଥିଲୁ ଜନୈକ ନିର୍ବାହୀ ଯନ୍ତ୍ରୀ ୫୦ ଲକ୍ଷ ଟଙ୍କା ପିସି ନେଇଥିବାର। ହେଲେ କୌଣସି ତଦନ୍ତକାରୀ ସଂସ୍ଥା କିମ୍ବା ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଇନଥିବା ବୋଲି ଭାବୁଛୁ। ଯାହାଫଳରେ ଚଳିତ ମାର୍ଚ୍ଚ ମାସରେ ୨ ଜଣ ଯନ୍ତ୍ରୀ ପ୍ରାୟ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ପିସି ନେଇସାରିଲେଣି ବୋଲି କିଛି ଠିକାଦାର ଚା ଖଟିରେ ଆଲୋଚନା କରୁଛନ୍ତି। ବର୍ତ୍ତମାନ ସମସ୍ତ ସରକାରୀ କାମ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଥିଲେ ମଧ୍ୟ ପିସି କାରବାର ତ ଅନ୍‌ଲାଇନ୍‌ରେ ହେଉନି ନା! ଜଗତସିଂହପୁର ଜିଲ୍ଲାରେ ଅଧିକାଂଶ ସ୍ଥାନରେ ନିମ୍ନମାନର କାମ ହେଉଥିଲେ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିବାକୁ ବିଭାଗୀୟଙ୍କ ଠୁ ଆରମ୍ଭ କରି ସରକାର

### ମାର୍ଚ୍ଚ ପାଲଟିଛି ପୁଷମାସ

ପର୍ଯ୍ୟନ୍ତ କେହି ବି ଖବର କାଗଜକୁ ଗୁରୁତ୍ୱ ଦେଉନଥିବାରୁ ସମ୍ବାଦର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ସମ୍ବାଦପତ୍ରର ବା ସାମ୍ବାଦିକ ମୂଲ୍ୟହୀନ ହୋଇପଡୁଛି ବୋଲି ସାଧାରଣରେ ଆକ୍ଷେପ କରାଯାଉଛି। କିଛି ଖବରକାଗଜ ବ୍ୟବସାୟୀକରଣ କରାଯାଉଥିବାରୁ ସମ୍ବାଦଗୁଡିକର ଓ ସାମ୍ବାଦିକଙ୍କର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଜଗତସିଂହପୁରରେ ଯେକୌଣସି ଦୁର୍ନୀତି ସଂକ୍ରାନ୍ତୀୟ ଖବର ବଡ ବଡ ଖବରକାଗଜରେ ପ୍ରକାଶ ପାଉଥିଲେ ମଧ୍ୟ ସେ ସବୁ କନ୍ଦରପୁର ସେପଟେ ଦୃଶ୍ୟମାନ ହୋଇନଥାଏ। ଆଉ ବିଭାଗୀୟ ଅଧିକାରୀ ଓ ସରକାରଙ୍କ ଦୃଷ୍ଟିକୁ ଯାଇପାରିନଥାଏ ବୋଲି ଅଭିଯୋଗ ହେଉଛି। ଜଗତସିଂହପୁର ଜିଲ୍ଲାରେ କେତେକ ଯନ୍ତ୍ରୀ ୮ ରୁ ୧୦ ବର୍ଷ ଏପରିକି ୧୨ ରୁ ୧୫ ବର୍ଷ ରହି ଆୟବର୍ହିଭୂତ ସଂପତ୍ତି ଠୁଳ କରିଆସୁଛନ୍ତି। କୌଣସି ତଦନ୍ତକାରୀ ସଂସ୍ଥାର ଏଥିପ୍ରତି ଦୃଷ୍ଟି ନ ଥିବା ମନେକରାଯାଉଛି। ଯଦି ବା କେହି ତଦନ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି ଲେଖିକରି ଅଭିଯୋଗ କଲେ ଆମେ ତଦନ୍ତ କରିବୁ ବୋଲି ତଦନ୍ତ ଅଧିକାରୀ ଏପରି ପାଲଟା ପ୍ରଶ୍ନ କରୁଥିବା ଅଭିଯୋଗ ହେଉଛି। ଯେଉଁ ଯନ୍ତ୍ରୀ ଜିଲ୍ଲାରେ ୫ ରୁ ୧୦ ବର୍ଷ ବା ୧୨ ରୁ ୧୫ ବର୍ଷ ରହିଆସୁଛନ୍ତି ଯଦି ତଦନ୍ତକାରୀ ସଂସ୍ଥା ସେହିମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ତଦନ୍ତ କଲେ ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ସାଧାରଣରେ ବିଭିନ୍ନ ତଦନ୍ତକାରୀ ସଂସ୍ଥାଙ୍କୁ ନିବେଦନ କରୁଥିବା ଲକ୍ଷ୍ୟ କରାଯାଉଛି।

## ଆର୍‌ଏମ୍‌ସି ସମ୍ପାଦକ ଗିରଫ




**କଟକ(ସଂପର୍କବାର୍ତ୍ତା):-** ନିୟନ୍ତ୍ରିତ ବଜାର କମିଟି ନିରୀକ୍ଷକ ତଥା ସମ୍ପାଦକ ବନମାଳି ନାୟକଙ୍କୁ ଭିଜିଲାନ୍ସ ଗତ(୩ ତାରିଖ) ଦିନ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଘଟଣାଟି ହେଉଛି ସୁନ୍ଦରଗଡ ସର୍ଗୀପାଲି ଅଞ୍ଚଳର ବୋଲି (ପୃଷ୍ଠା-୨)


## ଭୁବନେଶ୍ୱରରେ ବଢୁଛି ବିଜେଡି ବଳ




**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବଢିଲା ବିଜେଡି ବଳ, ବିଜେଡିରେ ମିଶିଲେ ଜଟଣୀ ପୌରପରିଷଦ ୩ଜଣ ନବନିର୍ବାଚିତ ସ୍ୱାଧୀନ କାଉନ୍‌ସିଲର୍। ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି ଜଟଣୀ ୧୨ନଂ ୱାର୍ଡର କାଉନ୍‌ସିଲର ନିଳୀମା ସ୍ୱାଇଁ, ୬ନଂ ୱାର୍ଡର କାଉନ୍‌ସିଲର ବିଷ୍ଣୁ ସାହୁ ଓ ୪ନଂ ୱାର୍ଡର କାଉନ୍‌ସିଲର ଫେମିନା ବେଗମ୍। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିବା ସେମାନେ କହିଛନ୍ତି। ମିଶ୍ରଣ ପର୍ବରେ ବିଜେଡି ସାଂସଦ ମୁନ୍ନା ଖାଁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଜି ବିଜେଡିର ଆଉ ଏକ ମିଶ୍ରଣ ପର୍ବରେ ମିଶିଛନ୍ତି ଭୁବନେଶ୍ୱର ମହାନଗର ନିଗମର ସ୍ୱାଧୀନ କର୍ପୋରେଟର ଚନ୍ଦ୍ରଶେଖର ମଲିଆ। ସେ ବିଜେଡି ଟିକେଟ୍ ନ ପାଇବାରୁ ୭୦ନଂ ୱାର୍ଡରୁ ସ୍ୱାଧୀନ ଭାବେ ନିର୍ବାଚିତ ଲଢିଥିଲେ। ସ୍ୱାଧୀନ ଲଢିଥିବା ସତ୍ତ୍ୱେ ଦଳ ତାଙ୍କୁ ନିଲମ୍ବନ କରିନଥିଲା। ବର୍ତ୍ତମାନ ଭୁବନେଶ୍ୱର ବିଜେଡିର ଉପସଭାପତି ଅଛନ୍ତି ଚନ୍ଦ୍ରସେଖର ମଲିଆ।

## ଦକ୍ଷ ଜିଲ୍ଲାପାଳ ପାରୁଲ୍ ପଟୱାରୀ ଓ ଏସ୍‌ପି ଅଖିଳେଶ୍ୱର ସିଂହ

(ବିସ୍ତୃତ ଖବର ପୃଷ୍ଠା-୨)



ଜିଲ୍ଲାପାଳ ପାରୁଲ୍ ପଟୱାରୀ



ଏସ୍‌ପି ଅଖିଳେଶ୍ୱର ସିଂହ

## ଜଗତସିଂହପୁର ଓ ପାରାଦ୍ୱୀପ ବିଜେଡି ନେତାଙ୍କ ଅହଙ୍କାର ଭାଙ୍ଗିଛି !

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଗତ ୨୬ ତାରିଖରେ ପୌର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ପାରାଦ୍ୱୀପଠାରେ ପୌରପାଳିକା ଭାବେ ବିଜେଡି ଦଳର ବସନ୍ତ କୁମାର ବିଶ୍ୱାଳ ବିପୁଳ ଭୋଟ୍‌ରେ ବିଜୟୀ ଘୋଷିତ ହୋଇଛନ୍ତି କିନ୍ତୁ ଜଗତସିଂହପୁରରେ ପୌରପାଳିକା ବିଜେଡିର ପ୍ରାର୍ଥୀ ରାଜଶ୍ରୀ ମହାପାତ୍ର ପରାଜୟ ବରଣ କରିଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ କଂଗ୍ରେସର ଶ୍ରୀମତୀ ଅର୍ଚ୍ଚନା ସିଂହ ବିଜୟୀ ଘୋଷିତ ହୋଇ ବାଜା, ବାଣ,

### ବାପିଙ୍କ ମର୍ଦ୍ଦପଣିଆ

ରୋସଣୀ ଓ ରାଲିରେ ସହର ଦୁଲକେଇ ଆସି ପୌରପରିଷଦର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ହେଲେ ବିଜେଡିର କିଛି ଆଗଧାଡିର ନେତା କଂଗ୍ରେସ ଅଧ୍ୟକ୍ଷା ପଦ ହାତେଇଥିବାକୁ ସହଜରେ ଗ୍ରହଣ କରିପାରୁନଥିବାରୁ ସାଧାରଣରେ ବିଜେଡି ନେତାଙ୍କୁ ପାନେ ହୋଇଛି ବୋଲି ଅଭିଯୋଗ କରୁଛନ୍ତି। ଜଗତସିଂହପୁର ଓ ପାରାଦ୍ୱୀପ ବିଜେଡି ନେତାଙ୍କ ଏତେ ମାତ୍ରାରେ ଅହଙ୍କାର ବଢିଯାଇଛି ଯେ, ବିଜୁ ଜନତା ଦଳକୁ ଯେପରି ପୌତୃକ ସଂପତ୍ତି ଭାବି ମନମାନି କରି ପ୍ରାର୍ଥୀ ଚୟନ କରିବା, ଅଯୋଗ୍ୟ ବା ଦୁର୍ନୀତିଗ୍ରସ୍ତ ଓ ଅହଙ୍କାରୀମାନଙ୍କୁ ପ୍ରାର୍ଥୀ କରାଇବା ଯୋଗୁଁ ବିଜେଡି ନେତାଙ୍କୁ ଏପରି ଦଶା ଭୋଗିବାକୁ ପଡିଛି ବୋଲି କୁହାଯାଇ ଭଲ ହୋଇଛି ବୋଲି ମଧ୍ୟ ଟାହିଟାପରା କରାଯାଉଛି। ଜଗତସିଂହପୁରରେ ଦୁଇଟି ବିଦ୍ରୋହ ଗୋଷ୍ଠୀ ସର୍ବୋଚ୍ଚ ନେତାଙ୍କୁ ବିରୋଧ କରୁଥିବା ବେଳେ ପ୍ରାର୍ଥୀ ସଂପୃକ୍ତ ବିଦ୍ରୋହୀ ଗୋଷ୍ଠୀଙ୍କୁ ବେଖାତିର କରିବା ଯୋଗୁଁ ସର୍ବୋଚ୍ଚ ନେତାଙ୍କୁ ଦୋଷାରୋପ କରାଯାଇ ଏପରି କୁହାଯାଉଥିବା ଶୁଣାଯାଉଛି। ଏପରିକି √ ନେତା ବିଷ୍ଣୁ ଦାସଙ୍କ ନିକଟତମ ବିଜେଡି ଦଳର ତୁଙ୍ଗ ନେତା ଓ ଯୁବ ସଂଗଠନକୁ ଅଣଦେଖା କରାଯାଇଥିବାରୁ ବିଜେଡି ଦଳକୁ ଏପରି ଦଶା ଭୋଗିବାକୁ ପଡିଛି ବୋଲି

### ପୌର ଫଳାଫଳ

ମଧ୍ୟ କୁହାଯାଉଛି।

ସେହିପରି **ପାରାଦ୍ୱୀପରେ ରିୟଲ୍ ହିରୋ କହିବାକୁ ଗଲେ ବାପି ସାର୍ଖେଲ୍** ବୋଲି କୁହାଯାଉଛି। କାରଣ ନେତାମାନଙ୍କୁ ନାକ ବୁଡାଇ ପାଣି ପିଆଇବା ତାଙ୍କ ନିକଟରେ ଦମ୍ ରହିଛି ବୋଲି କୁହାଯାଉଛି। "ଆମ ପାରାଦ୍ୱୀପ, ଆମ ପ୍ରଗତି" ସଂଗଠନ କରି ଖୋଦ୍ ପାରାଦ୍ୱୀପ ନାଁରେ ସ୍ୱାଧୀନ ପ୍ରାର୍ଥୀ ଛିଡାକରି ୮ଜଣ ପ୍ରାର୍ଥୀଙ୍କୁ ବିଜୟୀ କରାଇବା **ମର୍ଦ୍ଦପଣିଆ** ଦେଖାଇଥିବା ମଧ୍ୟ କୁହାଯାଉଛି। ବିଜେଡି ଦଳର ଯେଉଁ ନେତାମାନେ ନିଜକୁ ବାହାଦୁରି, ଗର୍ବ ଅଂହକାର ଦେଖାଉଛନ୍ତି ସେମାନେ ନିଜେ ଶଙ୍ଖ ଚିହ୍ନ ଛାଡି ସ୍ୱାଧୀନ ପ୍ରାର୍ଥୀ ଭାବେ ନିଜେ ପ୍ରାର୍ଥୀ ହୋଇ ବିଜୟୀ ହେବା ସେମାନଙ୍କ ପକ୍ଷେ (ପୃଷ୍ଠା-୨)

# ଓଡିଆ ପୁଅ ବିଶ୍ୱଭୂଷଣ ହେବେ କି ରାଷ୍ଟ୍ରପତି ?




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆସନ୍ତା ଜୁଲାଇ ୨୫ତାରିଖରେ ରଷ୍ଟ୍ରପତି ରାମନାଥ କୋବିନ୍ଦଙ୍କର କାର୍ଯ୍ୟକାଳ ସମାପ୍ତ ହେବାକୁ ଯାଉଛି। ତେଣୁ ଦେଶରେ ପରବର୍ତ୍ତୀ ରାଷ୍ଟ୍ରପତି ପଦରେ କିଏ ବସିବ ତାହାକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା ପାଂଚଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳଫଳ ଆସିବା ପରେ ଏହି ମୁଦ୍ଧା ଏବେ ଉଠିବାରେ ଲାଗିଛି। ରାଜନୈତିକ ଅଙ୍କ ମୁତାବକ,ବିଜେପିକୁ ଆସନ୍ତା ରଷ୍ଟ୍ରପତି ଭୋଟ ବେଳେ ବିଶେଷ କିଛି ଅସୁବିଧା ହେବାର ସମ୍ଭାବନା ନାହିଁ। ନିକଟରେ କିଛି ରାଜ୍ୟସଭା ସିଟ୍ ଖାଲି ହୋଇଥିବାରୁ ତାହା ବିଜେପି ଉପରେ କିଛିଟା ପ୍ରଭାବ ପକାଇପାରେ। ତେଣୁ ବିଜେପି ଓଡିଶା ସମେତ କିଛି ଆଂଚଳିକ ଦଳ ସହ ବୁଝାମଣା ପ୍ରୟାସରେ ରହିଛି। ତେବେ ଏକ ସୂତ୍ରରୁ ଜଣାପଡିଛି ଯେ, ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ତଥା ବିଜେପିର ବରିଷ୍ଠ ନେତା ଓଡିଆ ପୁଅ ବିଶ୍ୱଭୂଷଣ ହରିଚନ୍ଦନଙ୍କ ନାମ ରଷ୍ଟ୍ରପତି ପ୍ରାର୍ଥୀ ରେସରେ ରହିଛି। ବିଜେପିର ରଷ୍ଟ୍ରପତି ପ୍ରାର୍ଥୀଭାବେ ଯଦିଓ ବିଶ୍ୱଭୂଷଣଙ୍କ ନାମ ଫାଇନାଲ ହୋଇନାହିଁ, ତଥାପି ତାଙ୍କୁ ନେଇ ଦିଲ୍ଲୀ ଦରବାରରେ ଚର୍ଚ୍ଚା ହେଉଥିବା କୁହାଯାଉଛି। ଏ ବାବଦରେ ରାଜ୍ୟର କିଛି ନେତାଙ୍କ ନାମ ଶୁଣାଯାଉଛି। ତେବେ ଯେତେ ଚର୍ଚ୍ଚା ହେଲେ ବି ଚୂଡାନ୍ତ ନିଷ୍ପତ୍ତି ନେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବିଶ୍ୱଭୂଷଣ ଜଣେ ବିଚକ୍ଷଣ ରାଜନେତା ହୋଇଥିବା ବେଳେ ରାଜନୀତି କ୍ଷେତ୍ରରେତାଙ୍କର ଅଗାଧ ପାଣ୍ଡିତ୍ୟ ରହିଛି। ତେଣୁ ଏଭଳି ଜଣେ ଓଡିଆ ପୁଅଙ୍କ ମୁଣ୍ଡରେ ଯଦି ହାତୀ ସୁନା କଳସ ଢାଳେ , ତେବେ ପ୍ରଥମ ଓଡିଆ ଭାବେ ବିଶ୍ୱଭୂଷଣ ଦେଶର ପ୍ରଥମ ନାଗରିକ ଭାର କାନ୍ଧେଧବାର ସୌଭାଗ୍ୟ ଅର୍ଜନ କରିବେ।

# ରୁଷ ୟୁକ୍ରେନ୍ ବିବାଦ ପକ୍ଷ ରଖିଲା ଭାରତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-**ଘନଉଛି ୟୁକ୍ରେନ ରୁଷ ବିବାଦ। ଏଥି ମଧ୍ୟରେ ରୁଷ ମଧ୍ୟ ୟୁକ୍ରେନ୍ ଉପରେ ଆକ୍ରମଣ କରିଛି। ରଷ୍ଟ୍ରପତି ପୁଟିନଙ୍କ ସାମରିକ କାର୍ଯ୍ୟାନୁଷ୍ଠାନ ଆଦେଶ ମଧ୍ୟ ରେ ଭାରତ ତାର ପକ୍ଷ ରଖିଛି। ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତନିଜର ପକ୍ଷ ଉପସ୍ଥାପନ କରିଛି। ଭାରତ କହିଛି ଯୁଦ୍ଧକୁ ତୁରନ୍ତ ସ୍ଥଗିତ ରଖିବାକୁ ଆମେ ନିବେଦନ କରୁଛୁ।

ପରିସ୍ଥିତି ଏକ ବଡ ସଙ୍କଟରେ ପରିଣତ ହେବାକୁ ଯାଉଛି। ଯଦି ଏହାକୁ ସାବଧାନତାର ସହିତ ନିୟନ୍ତ୍ରଣ କରାନ ଯାଏ ତେବେ ଏହା ସୁରକ୍ଷାକୁ ଦୁର୍ବଳ କରିପାରେ। ସମସ୍ତ ପକ୍ଷର ସୁରକ୍ଷାକୁ ଧ୍ୟାନରେ ରଖିବ ଉଚିତ୍ ବୋଲି ଭାରତ କହିଛି। ଅନ୍ୟ ପଟେ ୟୁକ୍ରେନ୍ ଉପରେ ରୁଷ ଆକ୍ରମଣ ଆରମ୍ଭ କରିସାରିଛି। ଯାହା ସମସ୍ତ ଦେଶ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଭାରତ ଆହୁରି ମଧ୍ୟ ତାର ବିବୃତିରେ କହିଛି କି ଆମେ ସମସ୍ତ ଦେଶକୁ ସଂଯମତା ରକ୍ଷା କରିବାକୁ କହୁଛୁ। ଏହାର ସମାଧାନ ନିଶ୍ଚୟ ହେବ।

# ଭାରତକୁ ଡରାଇବା ବନ୍ଦ କରନ୍ତୁ ବାଇଡେନ୍ ସରକାର




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁକ୍ରେନ୍ ଓ ରଷ ମଧ୍ୟରେ ଯୁଦ୍ଧ ଚରମ ସୀମାରେ ପହଞ୍ଚିଛି। ଏହି ଯୁଦ୍ଧରେ ଆମେରିକା ମଧ୍ୟ ବହୁତ ଯନ୍ତ୍ରଣା ଭୋଗୁଛି। ଆମେରିକା ଚାହୁଁଛି ଭାରତ ରଷ ସହିତ ବାଣିଜ୍ୟ ବନ୍ଦ କରୁ, କିନ୍ତୁ ମୋଦୀ ସରକାର ଏଭଳି କୌଣସି ପଦକ୍ଷେପ ନେଇ ନାହାଁନ୍ତି। ଯେଉଁଥିପାଇଁ ବାଇଡେନ୍ ସରକାର ଭାରତକୁ ନିରନ୍ତର ଚେତାବନୀ ଦେଉଛନ୍ତି। ଏହି ସମୟ ମଧ୍ୟରେ, ଦିଲ୍ଲୀର ଆମେରିକା ଦୂତାବାସ ସମ୍ମୁଖରେ ଅଜ୍ଞାତ ଲୋକମାନେ ଏକ ପୋଷ୍ଟର ଲଗାଇଛନ୍ତି, ଯେଉଁଥିରେ ଲେଖାଯାଇଛି ଯେ ଆମେରିକାର ସରକାର ଭାରତକୁ ଭୟଭୀତ କରିବା ବନ୍ଦ କରନ୍ତୁ।

ସୂଚନା ଅନୁଯାୟୀ ଆମେରିକା ଦୂତାବାସ ବାହାରେ ଏକ ନୀଳ ବୋର୍ଡ ଅଛି, ଯାହା ଉପରେ ଶୁକ୍ରବାର ରାତିରେ କେହି ଜଣେ ପୋଷ୍ଟର ଲଗାଇଛନ୍ତି। ଏଥିରେ ଲେଖା ଅଛି ଯେ ଭାରତକୁ ଭୟଭୀତ କରନାହିଁ। ରାତି ପ୍ରାୟ ୧୦ଟା ୧୫ମି. ସମୟରେ ଦିଲ୍ଲୀ ପୋଲିସ୍‌କୁ ଏହି ସୂଚନା ଦିଆଯାଇଥିଲା। ଘଟଣାର ଗମ୍ଭୀରତାକୁ ଦେଖି ଏକ ଟିମ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଦିଲ୍ଲୀର ପ୍ରିଭେନସନ୍ ଅଫ୍ ଡିଫେକ୍ସନ୍ ଅଫ୍ ପ୍ରପର୍ଟି(ଡିପିଡିପିପି) ଅଧିନୀୟମ ଅନୁଯାୟୀ ଏକ ମାମଲା ରୁଜୁ କରିଥିଲେ। ଦିଲ୍ଲୀ ପୋଲିସ୍‌ର ସୂଚନା ଅନୁସାରେ ଅଭିଯୁକ୍ତଙ୍କ ଉପରେ ନଜର ରଖିବା ପାଇଁ ଉଦ୍ୟମ ଚାଲିଛି। ପୋଷ୍ଟରରେ ଲେଖାଥିଲା ଯେ "ବାଇଡେନ୍ ପ୍ରଶାସନ ଭାରତକୁ ଧମକ ଦେବା ବନ୍ଦ କର। ଆମେ ତୁମର ଆବଶ୍ୟକ କରୁନାହୁଁ। ଚୀନ ବିରୋଧରେ ଆମେରିକାରକୁ ଭାରତ ଆବଶ୍ୟକ କରେ। ଆମର ସମସ୍ତ ଶୃଙ୍ଖଳିତ ତଥା ସାହସୀ ଭାରତୀୟ ସଶସ୍ତ୍ର ବାହିନୀ ପାଇଁ ଆମେ ଗର୍ବିତ। ଜୟ ଯବାନ, ଜୟ ଭାରତ।" ଯଦିଓ ବର୍ତ୍ତମାନ ଏହି ପୋଷ୍ଟର ହଟାଯାଇଛି, କିନ୍ତୁ ଏହାର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଥିସହିତ ୟୁକ୍ରେନ୍ ସହିତ ଯୁଦ୍ଧ ମଧ୍ୟରେ ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଓ୍ୱରୋଓ୍ୱ ଭାରତ ଗସ୍ତରେ ଆସି ବହୁ ବରିଷ୍ଠ ନେତାଙ୍କୁ ଭେଟିଥିଲେ। ଏହି ସମୟରେ ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ରୁଷ ଏବଂ ଭାରତ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ମଜବୁତ। ଭାରତ ଯାହା ମାଗୁଛି ତାହା ଯୋଗାଇବାକୁ ରୁଷ ସରକାର ପ୍ରସ୍ତୁତ ଅଛନ୍ତି। ରୁଷ ମନ୍ତ୍ରୀଙ୍କ ଏହି ବିବୃତ୍ତି ପରେ ଆମେରିକା ଅଧିକ ବିଚଳିତ ହୋଇପଡିଥିବା କୁହାଯାଉଛି।

# ଭାରତରେ ନିର୍ମାଣ ଏହି ବିଶାଳ ବୋମା ହଜିଯିବ ପାକିସ୍ତାନ ଓ ଚୀନର ନିଦ




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତରେ ନିର୍ମାଣ ହୋଇଛି ଏକ ବିଶାଳ ବୋମା। ଯାହାକି ପଡିବା ମାତ୍ରେ ଆଖିପୁଛିଲାକେ ଏକ ବଡ ଅଞ୍ଚଳ ଧ୍ୱଂସ ସ୍ତୁପରେ ପରିଣତ ହୋଇଯିବ। ଏହି ବୋମା ମିଳିବା ପରେ ସେନାର ଶକ୍ତି ବୃଦ୍ଧି ହୋଇଯିବ ବୋଲି କୁହାଯାଉଛି। ମିଳିଥିବା ସୂଚନା ମୁତାବକ ମଧ୍ୟପ୍ରଦେଶର ଜବଲପୁରରେ ଥିବା ଖମାରିଆ ଅର୍ଡିନାନ୍ସ ଫ୍ୟାକ୍ଟ୍ରିରେ ନିର୍ମିତ ଏହି ବୋମାର ଓଜନ ୫୦୦ କିଲୋଗ୍ରାମ ହୋଇଥିବା ବେଳେ ଏହାକୁ ଜିପି (ଜେନେରାଲ୍ ପର୍ପୋଜ୍ ବମ୍) କୁହାଯାଉଛି। ଏହି ବୋମାଗୁଡିକ ଏତେ ବିପଜ୍ଜନକ ଯେ ଏହା ପଡିବା ମାତ୍ରେ ପାକିସ୍ତାନ ଓ ଚୀନର ସବୁଠୁ ବଡ ବଙ୍କରକୁ ନଷ୍ଟ କରିପାରିବ। ଭାରତୀୟ ବାୟୁ ସେନା ପକ୍ଷରୁ ୪୮ଟି ବୋମା ନିଆଯାଇଛି। ଖମାରିଆ ଅର୍ଡିନାନ୍ସ ଫ୍ୟାକ୍ଟ୍ରିରେ ଦୀର୍ଘ ସମୟ ଧରି ଏହି ବୋମାକୁ ପ୍ରସ୍ତୁତ କରାଯାଉଥିଲା। ଏଗୁଡିକୁ ତିଆରି କରିବା ପରେ, ସେମାନଙ୍କର ପରୀକ୍ଷା ମଧ୍ୟ କରାଯାଇଥିଲା।

ବିଶେଷ କଥା ହେଉଛି ଡିଜାଇନ୍ ଠାରୁ ଆରମ୍ଭ କରି ଏହି ବୋମା ତିଆରି ପର୍ଯ୍ୟନ୍ତ ଖମାରିଆ ଅର୍ଡିନନ୍ସ ଫ୍ୟାକ୍ଟ୍ରି ଏହାକୁ କରାଯାଇଛି। ଖମାରିଆ ଅର୍ଡିନାନ୍ସ ଫ୍ୟାକ୍ଟ୍ରି ଜେନେରାଲ୍ ମ୍ୟାନେଜର ଏସ୍.କେ. ସିହ୍ନା କହିଛନ୍ତି ଯେ ୫୦୦ କିଲୋଗ୍ରାମ ଜିପି ବୋମା ନିର୍ମାଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଥିଲା।

# କନ୍ୟା ବଦଳରେ ଶାଶୂ ବେକରେ ବର ପିନ୍ଧାଇଲେ ବରଣମାଳା



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସୋସିଆଲ ମିଡିଆରେ ଆପଣ ମଦ୍ୟପ ଏବଂ ମଦ୍ୟପାନକାରୀଙ୍କ ଅନେକ ଭିଡିଓ ନିଶ୍ଚୟ ଦେଖିଥିବେ। ଏହା ବ୍ୟତୀତ ଭିନ୍ନ ଭିନ୍ନ ଲୋକଙ୍କ ଅଜବ ହରକତ୍‌ର ଭିଡିଓ ମଧ୍ୟ ଭାଇରାଲ୍ ହୋଇଥାଏ। ଏମିତି ପ୍ରତିଦିନ ଆମେ ସୋସିଆଲ ମିଡିଆରେ କିଛି ନା କିଛି ଭିଡିଓ ଦେବକୁ ଯାହା ବିଶ୍ୱାସ କରବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ସାଧାରଣତଃ ଆମେ ଜାଣିଛୁ କି ମଦ ପିଇବା ବେଳେ ଗାଡି ଚଳାଇବା ସହ ଗାଡି ଚିହ୍ନିବାରେ ଅସୁବିଧା ହୋଇଥାଏ। ହେଲେ ଆପଣ ଶୁଣିଛନ୍ତି କି ମଦ ପିଇକି ବିବାହ କରୁଥିବା ବ୍ୟକ୍ତିଙ୍କୁ ? ଯଦି ନା ତାହାଲେ ଏପରି ଏକ ଭିଡିଓ ଅଛି। ଯାହା ଖୁବ ଭାଇରାଲ ହେବାରେ ଲାଗିଛି। ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ ଆପଣ ମଧ୍ୟ ଭାବିବେ ଯେ ବର କରୁଛି କଣ ତେବେ ଇନଷ୍ଟାଗ୍ରାମରେ ଏକ ଭିଡିଏ ଭାଇରାଲ ହେଉଛି । ଯେଉଁଥିରେ ବରଟି ଏକ ବିବାହ ମଣ୍ଡପରେ ଠିଆ ହୋଇଛି। ଭିଡିଓ ରେ ଏହା ଦେଖିବାକୁ ମିଳିଛି ବର ଜଣଙ୍କ ତାଙ୍କ ହାତରେ ଏକ ଫୁଲମାଳ ଧରିଛନ୍ତି। ସେ ଏତେ ମଦ୍ୟପାନ କରିଛନ୍ତି କି ଫୁଲମାଳଟି ଝିଅ ବେକରେ ପକାଇବା ବଦଳରେ ତାଙ୍କ ମାଆଙ୍କୁ ପିନ୍ଧାଉଛନ୍ତି। ତାଙ୍କ ନିକଟରେ ଠିଆ ହୋଇଥିବା ଲୋକମାନେ ଏହା ଦେଖିବା ମୋତେ ସେମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରୁନ୍ତି।

କିଛି ସମୟ ପରେ ସେ ମୁଣ୍ଡ ହଲାଇ ଝିଅ ବେକରେ ପକାଇବାକୁ ଚେଷ୍ଟା କରୁଛନ୍ତି ହେଲେ ସେ ବିଫଳ ହୋଇ ସୋଫାରେ ପଡି ଯାଉଛନ୍ତି। ଭିଡିଓ ସେୟାର କରିବାବେଳେ କ୍ୟାପସନରେ ପଚରାଯାଇଛି ଯେ ଏହି ବର କାହାର କେହି କେହି କହୁଛନ୍ତି ଯେ ବିବାହର ସୁଖରେ ସେମାନେ ମଦ ପିଇ ଦେଇଛନ୍ତି। ବର୍ତ୍ତମାନ ଏହି ଭିଡିଓ ଖୁବ ଭାଇରାଲ୍ ହେବାରେ ଲାଗିଛି।

## ପ୍ରଥମ ପୃଷ୍ଠାରୁ...

### ଆର୍‌ଏମ୍‌ସି...

ଜଣାପଡିଛି। ସମ୍ପାଦକ ବନମାଳି ନାୟକଙ୍କ ବାସଭବନରେ ଚଢାଉ କରିଛି। ପ୍ରାୟ ନାୟକଙ୍କ ଠାରୁ ୨ କୋଟି ୭୧ଲକ୍ଷ ଟଙ୍କା ଠାବ କରିଛି ଭିଜିଲାନ୍ସ। ସେଥି ମଧ୍ୟରୁ କେନ୍ଦୁପଡା ସ୍ଥିତ ନଗଡ ୨ଲକ୍ଷ ୯୮ହଜାର ଟଙ୍କା, ସେଠାରେ ଥିବା ଦୁଇଟି ୩ ମହଲା କୋଠା, ଗୋଟିଏର ମୂଲ୍ୟ ୧ କୋଟି ୧୧ ଲକ୍ଷ ଟଙ୍କା ଓ ଅନ୍ୟଟି ୪୭ ଲକ୍ଷ ୭୦ ହଜାର ଟଙ୍କା। କଞ୍ଜିରକେଲା ଥାନା କୁକୁଲିଡିଅ ପୈତୃକ ଗାଁରେ ୧୫ଲକ୍ଷର ଗୋଟିଏ କୋଠା, ୬୨.୨୭ଲକ୍ଷର ବ୍ୟାଙ୍କ ଜମା ଓ ଜୀବନ ବୀମା, ୨୧୭ ଗ୍ରାମ୍‌ର ସୁନାଗହଣା ଓ ୬୬୨ ଗ୍ରାମ୍‌ର ରୂପା ଯାହାର ମୂଲ୍ୟ ୧୦ ଲକ୍ଷ ୪୫ ହଜାର। ସୁନ୍ଦରଗଡ ସହରରେ ଦୁଇଟି ପ୍ଲଟ, ଛତାବରରେ ଓ ଲେଫ୍ଟିପଡା ଥାନା ଦର୍ଲିପାଲିରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ଏହାଛଡା ୨ଟି ବାଇକ୍ ୧୪ଲକ୍ଷ ଆସବାସ ପତ୍ର ଠାବ କରିଛି ଭିଜିଲାନ୍ସ।

### ଦକ୍ଷ...

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଇତି ମଧ୍ୟରେ ଜଗତସିଂହପୁର ଜିଲ୍ଲାରେ ପଞ୍ଚାୟତ ଓ ପୌର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ଏହି ଶୃଙ୍ଖଳିତ ନିର୍ବାଚନ ପ୍ରକ୍ରିୟା ଜିଲ୍ଲାପାଳ ପାରୁଲ୍ ପଟଓ୍ୱାରୀ ଓ ଏସ୍‌ପି ଅଖିଳେଶ୍ୱର ସିଂହଙ୍କୁ ଜଗତସିଂହପୁର ଜିଲ୍ଲାବାସୀ ଶ୍ରେୟ ଦେଇଛନ୍ତି। ଉଭୟେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦକ୍ଷତାକୁ ସାଧାରଣରେ ଭୂୟଂଶି ପ୍ରଶଂସା କରାଯାଉଛି।

### ବାପିଙ୍କ...

ଅସମ୍ଭବ ବୋଲି କୁହାଯାଉଛି। ବାପି ସାର୍ଖେଲ୍ ଲୋକଙ୍କ ପାଇଁ ବା ଶ୍ରମିକମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କର ଦୁଃଖ ଓ ସୁଖରେ ଭାଗିଦାର ହୋଇ ଅସୁବିଧା ସୁବିଧା ସମୟରେ ସାହାଯ୍ୟ ସହଯୋଗ ଯୋଗାଇ ଆସୁଛନ୍ତି। ଯାହାଫଳରେ ସାଧୀନ ପ୍ରାର୍ଥୀ ଭାବେ ୮ଜଣଙ୍କୁ ପ୍ରାର୍ଥୀ କରାଇ ବିଜୟୀ କରାଇବା ଏହା କୌଣସି ସହଜ କଥା ନୁହେଁ ବୋଲି ଆଲୋଚନା ହେଉଛି। ଆଗାମୀ ଦିନରେ ବାପି ସାର୍ଖେଲ୍‌ଙ୍କ ଉପରେ ନିର୍ଭର କରୁଛି ପାରାଦ୍ୱୀପ ଭବିଷ୍ୟତ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ବାପ-ପୁଅଙ୍କୁ ପାରାଦ୍ୱୀପରୁ ହଟାଇବା ବାପି ସାର୍ଖେଲ୍‌ଙ୍କ ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ସାଧାରଣରେ କହୁଛନ୍ତି। ପୌରପାଳିକା ଭାବେ ନିର୍ବାଚିତ ହୋଇଥିବା ବସନ୍ତ କୁମାର ବିଶ୍ୱାଳ ଜଣେ ପୌର ଅଧ୍ୟକ୍ଷ ହେବା ଯୋଗ୍ୟ ବ୍ୟକ୍ତି ବୋଲି ମଧ୍ୟ କୁହାଯାଉଛି।

# ତହସିଲ୍‌ଦାର ଦିଲିପ୍ ସେଠୀଙ୍କୁ ଗୋଇଠା ବିଧା ନାଦିଲେ ଚାଷୀ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଚାଷୀଙ୍କ ଗୁହାରୀ ଶୁଣିଲେନି ତହସିଲ୍‌ଦାର, ଚାଷୀଗଲେ ଚାଷୀ ଆଉ ଅଫିସ୍‌ରେ ପଶି ତାଙ୍କୁ ନିର୍ଧୁମ୍ ବିଧା ଗୋଇଠା ମାରି ଛେଚିଲେ। ଏପରି ଅପ୍ରିତିକର ସ୍ଥିତି ଶୁଣିବାକୁ ମିଳିଛୁ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାରେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ୍ ଦୁଇ ଚାଷୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପଟ୍ଟାମୁଣ୍ଡାଇ କଣିପାଳ ଗାଁର ଚାଷ ଜମି ଓ ଜନବସତି ନିକଟରେ ନାଲି ଇଟା ଭାଟି ନିର୍ମାଣ କରାଯାଉଛି। ସେଠାରେ ଇଟା ପୋଡା ଯାଉଛି। ଯେଉଁଥି ପାଇଁ ପରିବା ଚାଷ ନଷ୍ଟ ହୋଇଯାଉଛି। ଇଟା ଭାଟିକୁ ବିରୋଧ କରି ୩ ଦିନ ତଳେ ଗାଁର କେତେକ ଚାଷୀ ତହସିଲ୍‌ଦାରଙ୍କ ନିକଟରେ ଫେରାଦ୍ ହୋଇଥିଲେ। ଇଟାଭାଟି ବନ୍ଦକରିବା ପାଇଁ ଗୁହାରୀ କରିଥିଲେ। ତହସିଲ୍‌ଦାର ଚାଷୀଙ୍କ ଅଭିଯୋଗ ଶୁଣି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ତହସିଲ୍‌ଦାର ଭୁଲିଯାଇଥିବା ଅଭିଯୋଗ ହେଉଛି। ନିଜ ଆଖି ଆଗରେ ପରିବା ଚାଷ ଉଜୁଡି ଯାଉଥିବା ଦେଖି ଚାଷୀମାନେ ବିଚଳିତ ହୋଇଯାଇଥିଲେ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ୨ ତାରିଖ ଦିନ ଅପରାହ୍ନରେ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଦୋଳଗୋବିନ୍ଦ ସାହୁ ଓ ଜଣେ ଚାଷୀ ଉଦୟଭାନୁ ସାହୁ ତହସିଲ୍ ଅଫିସ୍ ଭିତରକୁ ଯାଇଥିଲେ। ସେମାନେ ସିଧା ତହସିଲ୍‌ଦାର ଦିଲିପ୍ ସେଠୀଙ୍କ ଚାମ୍ବରକୁ ଯାଇ ଘୋସାରି ଆଣି ପ୍ରବଳ ମାଡ ମାରିଥିବା ଅଭିଯୋଗ ହୋଇଛି। ସେମାନେ ତହସିଲ୍‌ଦାରଙ୍କୁ ଗୋଇଠା, ବିଧା ଓ ଚାପୁଡା ମାରିଥିବା ଅଭିଯୋଗ ହୋଇଛି। ଏପରିକି ତହସିଲ୍‌ଦାରଙ୍କୁ ତାଙ୍କ ଚାମ୍ବରରେ ପୁରାଇ ତାଲା ପକାଇ ଦେଇଥିଲେ। ଖବର ପାଇ ପୋଲିସ୍ ତହସିଲ୍‌ଦାରଙ୍କୁ ଉଦ୍ଧାର କରିଥିଲେ। ଏହି ମାମଲାରେ ଦୋଳଗୋବିନ୍ଦ ସାହୁ ଓ ଉଦୟଭାନୁ ସାହୁଙ୍କୁ ପୋଲିସ୍ ଅଟକ ରଖିଛି।

# ପୋଲିସ୍‌କୁ ଧମକ୍ ଦେଲେ ବିଜେପି ନେତା





**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜଳ ସଙ୍କଟକୁ ନେଇ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲା ଛତନା ଗାଁରେ ନିଜ ସମର୍ଥକଙ୍କ ସହ ବିକ୍ଷୋଭ କରୁଥିବା ଦୁଇ ଜଣ ବିଜେପି ନେତା ସର୍ବସମ୍ମୁଖରେ ପୋଲିସ୍‌କୁ ଟାର୍ଗେଟ୍ କରି ବିବାଦୀୟ ବୟାନ ଦେଇଛନ୍ତି। ବିଜେପି ନେତା ଜୀବନ ଚକ୍ରବର୍ତ୍ତୀ ଓ ଶ୍ୟାମ ପ୍ରସାଦ ପୋଲିସ୍‌ର ବର୍ଦ୍ଦି ଉତାରି ପ୍ରତିଶ୍ରୋଧ ନେବେ ବୋଲି ଧମକ ଦେଇଛନ୍ତି। ଏହି ଘଟଣାରେ ପୋଲିସ୍ ଜୀବନଙ୍କୁ ଗିରଫ କରିଛନ୍ତି। ସେ ସ୍ଥାନୀୟ ପୋଲିସ୍ ଅଫିସରଙ୍କୁ ଧମକ ଦେଇଥିଲେ। ଚକ୍ରବର୍ତ୍ତୀ ପୋଲିସ୍ ଅଫିସରଙ୍କୁ ଟାର୍ଗେଟ୍ କରି କହିଥିଲେ ଯେ, ମୁଁ ତୁମକୁ ଜେଲ୍‌ର ରନ୍ଧା ଖାଦ୍ୟ ଖୁଆଇବି। ମୁଁ ତୁମର ପୋଷାକ ଫାଡିଦେବି, ମୁଁ ତୁମର ବର୍ଦ୍ଦି ଉତାରି ଦେବି। ମୁଁ କେବଳ କିଛି ଲୋକଙ୍କୁ ତୁମ ପାଖରେ ରଖିଛି। ଯେଉଁମାନେ ତୁମକୁ ସାର୍ ବୋଲି ଡାକୁଛନ୍ତି। କ'ଣ ତୁମେ ନିଜକୁ ରାଉଡି ବୋଲି ଭାବୁଛ ? ଜଳପାଇଗୁଡିରେ ଆଉ ଜଣେ ବିଜେପି ନେତା ଶ୍ୟାମ ପ୍ରସାଦ ପୋଲିସ୍ ଓ ଶାସକ ଟିମ୍‌କୁ ଧମକ ଦେଇଥିଲେ। ଶ୍ୟାମ ପ୍ରସାଦ କହିଥିଲେ ଯେ, ପ୍ରଥମେ ଶାସନ ବ୍ୟବସ୍ଥା ବଦଳିବ। ଏହା ପରେ ଗୋଟିଏ ପରେ ଗୋଟିଏ ଘଟଣାର ପ୍ରତିଶୋଧ ନିଆଯିବ। ଭଲ ଭାବେ ଏହାକୁ ଶୁଣ। ଆମେ ଏ କଥା ଟିଏମ୍‌ସି ଓ ପୋଲିସ୍‌କୁ କହୁଛୁ। ତୁମମାନେ ଆମକୁ ଯେତେ ନିର୍ଯ୍ୟାତନା ଦେବ ପରବର୍ତ୍ତୀ ଅବସ୍ଥାରେ ସେତିକି ସହିବ। ତୁମାମନେ ଯେମିତି ଆମ ପରିବାର ଲୋକଙ୍କୁ ଟାର୍ଗେଟ୍ କରୁଛ, ଆମେମାନେ ମଧ୍ୟ ସବୁ ପୋଲିସ୍ ଅଧିକାରୀଙ୍କ ପରିବାର ଲୋକଙ୍କୁ ଟାର୍ଗେଟ୍ କରିବୁ। ଏହା ମୋର ପ୍ରତିଜ୍ଞା। ତେଣୁ ଡେରି ହେବା ପୂର୍ବରୁ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣ। ମନେରଖ ଟିଏମ୍‌ସିର ଦିନକାଳ ସରି ସରି ଆସୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେସ୍ ଉତ୍ତେଜନା ଦେଖାଯାଇଛି।

# ଶିକ୍ଷକ ଦେବରାଜ ପାଢୀଙ୍କ ଅବସର




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ସଦର ମହକୁମା ସଂଲଗ୍ନ ସିଠାଲୋ ପଞ୍ଚାୟତର ନୀଳମାଧବ ଜୀଉ ବିଦ୍ୟାପୀଠ ଶାସନପଦାର ବରିଷ୍ଠ ଶିକ୍ଷକ ଦେବରାଜ ପାଠୀ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ନୃସିଂହ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ନିଆଳୀ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରତିମା ମହାନ୍ତି,ମୁଖ୍ୟବକ୍ତାଭାବେ ସ୍ଥାନୀୟ ସରପଞ୍ଚ କବିତା ମହାପାତ୍ର,ସମ୍ମାନନୀତ ଅତିଥିଭାବେ ଅତିରିକ୍ତ ମଣ୍ଡଳ ଅଧିକାରୀ ପ୍ରସନ୍ନ କୁମାର ନାୟକ ଅନନ୍ତ ନାରାୟଣ ସିଂ, ସିଆରସିସି ଜନାବ ବରକତ୍ ଉଲ୍ଲା ଖାଁ,ଓଷ୍ଟା କଟକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦିଲିପ କୁମାର ମହାନ୍ତି,ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରମାକାନ୍ତ ସ୍ୱାଇଁ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ନାୟକ ,ଦେବେନ୍ଦ୍ର ନାଥ ଦାସ ,କରୁଣାକର ଜେନା,ରମେଶଚନ୍ଦ୍ର ମହାପାତ୍ର,ରାମଚନ୍ଦ୍ର ବେଜ,ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବଡୁ ପ୍ରମୁଖ ଯୋଗଦେଇ ଶିକ୍ଷକ ଦେବରାଜ ପାଢି ଙ୍କ କର୍ମମୟ ଜୀବନର ମୁହୂର୍ତ୍ତ ଗୁଡିକ ମନେପକାଇ ସଭାର ପରିବେଶକୁ ଭାବମୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ସାହୁ,ସିଠାଲୋ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କାବେରୀ ବଡୁ, ରଶ୍ମୀରେଖା ମହାପାତ୍ର, ଗୀତାଞ୍ଜଳୀ ପାଢୀ, ପୁଷ୍ପଲତା ଖଟୁଆ ଯୋଗଦେଇ ଶିକ୍ଷକ ପାଢୀଙ୍କ ଶିକ୍ଷାଦାନ ଶୈଳୀ, ସମୟାନୁବର୍ତ୍ତୀ ଓ ଛାତ୍ର ବତ୍ସଳ ଅବତାରଣା କରି ପୂଜ୍ୟପୂଜାର ନିଆରା ପରମ୍ପରା ସୃଷ୍ଟି କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ପାୟଲ ନାୟକ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ।

RNI Regd No : ODIODI/2016/74122
ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
# ସଂପର୍କବାର୍ତ୍ତା
SAMPARK BARTA
ODIA WEEKLY
ଏପ୍ରିଲ୍ ୪ ରୁ ୧୦, ୨୦୨୨, ଜଗତସିଂହପୁର
April 4 to 10, 2022, Jagatsinghpur
www.samparkabarta.in


## ଚିଲିକା ବୁଲିବେ ବାଚସ୍ପତି-ମନ୍ତ୍ରୀ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଚିଲିକା ବୁଲିବେ ବାଚସ୍ପତି, ମନ୍ତ୍ରୀ ଓ ବିଧାୟକ । ବିଧାନସଭା ସମସ୍ତଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି । ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭାରେ ଏନେଇ ଘୋଷଣା କରିଛନ୍ତି । ସେ ଆହୁରୀ ମଧ କହିଛନ୍ତି ଯେ, ଆସନ୍ତା ଏପ୍ରିଲ୍ ମାସ ୧୫ତାରିଖ ସମସ୍ତେ ଚିଲିକା ବୁଲିବାକୁ ଯିବେ । ଏଥିଲାଗି ୬ତାରିଖ ସୁଦ୍ଧା ଇଚ୍ଛୁକ ଥିବା ମନ୍ତ୍ରୀ ଓ ବିଧାୟକମାନମେ ବିଧାନସଭା ସଚିବାଳୟକୁ ଅବଗତ କରିବେ । ୧୫ତାରିଖ ଦିନ ସକାଳ ୭ଟାରେ ବିଧାନସଭାରେ ସମସ୍ତଙ୍କୁ ପହଂଚିବା ପାଇଁ ନିର୍ଦ୍ଦେଶ ଏଥିଲାଗି ୬ତାରିଖ ସୁଦ୍ଧା ଇଚ୍ଛୁକ ଥିବା ମନ୍ତ୍ରୀ ଓ ବିଧାୟକମାନମେ ବିଧାନସଭା ସଚିବାଳୟକୁ ଅବଗତ କରିବେ । ୧୫ତାରିଖ ଦିନ ସକାଳ ୭ଟାରେ ବିଧାନସଭାରେ ସମସ୍ତଙ୍କୁ ପହଂଚିବା ପାଇଁ ନିର୍ଦ୍ଦେଶ ରହିଛି । ବ୍ରେକ୍ ଫାଷ୍ଟ ପରେ ସମସ୍ତ ଆଇଏନ୍ଏସ୍ ଚିଲିକା ଯିବେ । ସେଠାରେ କାଳିଯାଇ ବୁଲିବେ ଏବଂ ଆଇଏନ୍ଏସ୍ ଚିଲିକାରେ କେମିତି ଯୁଦ୍ଧ ନେଇ ପ୍ରସ୍ତୁତି ହେଉଛି, ତାହା ଦେଖିବେ । ଶେଷରେ ସଂଧ୍ୟା ୬ଟାରେ ସମସ୍ତେ ଘରକୁ ଫେରିବ ।

## ଡ୍ରେସ ବାବଦରେ ପୋଲିସ୍ ପାଇବେ ୬ ହଜାର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପୁଲିସ ବାବୁସାନଙ୍କୁ ପୋଷାକ ପାଇଁ ଭତା ମିଳିବ । ଓପିଏସ ଓଏପିଙ୍କୁ ଏଥିପାଇଁ ୬ହଜାର ଟଙ୍କା ମିଳିବ । ବ୍ରିଟିଶ ଅମଳର ଏହି ନିୟମକୁ ଗୃହ ବିଭାଗ ବଦଳାଇ ଦେଇଛନ୍ତି । ସୂଚନାଯୋଗଯେ, ଫୋର୍ସଙ୍କୁ ୫୯୦୦ଟଙ୍କା ଓ ଆଇପୁଏସଙ୍କୁ ବାର୍ଷିକ ୨୦ହଜାର ଟଙ୍କା ଭତା ମିଳୁଥିଲା ଖାକି ପୋଷାକ ପାଇଁ ସେମାନଙ୍କୁ ଏହି ଭତା ମିଳୁଥିଲା ସେହି ପରି ସିପାହୀରୁ ଇନ୍ସପେକ୍ଟରଙ୍କ ପର୍ଯ୍ୟନ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏବିସିଡି ଭଳି ଚାରିଟି ମାପରେ ଖାକି ପୋଷାକ ଦିଆଯାଉଥିଲା କିନ୍ତୁ ଏହି ପୋଷାକ ପୁଲିସମାନଙ୍କୁ ପୁଲିସମାନଙ୍କୁ ନହେବାରୁ ସେମାନଙ୍କୁ କପଡା ଦେବାର ବନ୍ଦୋବସ୍ତ କରାଯାଇଥିଲା ୧୯୮୦ଠାରୁ କପଡା ଦେବାର ବ୍ୟବସ୍ଥା ହୋଇଥିଲା ତେବେ ୨୦୨୦ରେ ଡିଜି କପଡା ଯୋଗାଇବା ବ୍ୟବସ୍ଥାକୁ ବନ୍ଦ କରିଦେଇଥିଲେ । ଓଡିଶା ସ୍ୱେଶିଆଲଷ୍ଟ୍ରାଇକିଂ ଫୋର୍ସଙ୍କୁ ୫୯୦୦ଟଙ୍କା ଓ କନେଷ୍ଟବଳ, ହାବିଲଦାରଙ୍କୁ ୫ହଜାର ଏସଏସଆଇଙ୍କୁ ଏସଆଇଙ୍କୁ ୪ହଜାର ୨୦୦ଟଙ୍କା ପୋଷାକ ଭତା ଦେବାର ବ୍ୟବସ୍ଥା ଏବେ ଗହୃ ବିଭାଗ ପକ୍ଷରୁ ଓପିଏସ ଓଏସିଏସ ପାହ୍ୟାର ଅଧିକାରୀମାନଙ୍କୁ ୬ହଜାର ଭତା ଦେବାକୁ ନିର୍ଦ୍ଦେଶନାମା ଜାରିହୋଇଛି । ପୋଷାକ ସମେତ ଜୋତା ବେଲଟ, ଟୋପି, କମ୍ବଳ ଆଦି ଭଳି ୧୨ଟି ଜିନିଷ ସେମାନେ ଏହି ଟଙ୍କାରେ କିଣିବେ ।




## ଓଡ଼ିଶାର ଛାତ୍ରଛାତ୍ରୀ ଯିବେ 'ଇସ୍ରୋ' ଓ 'ନାସା': ମନ୍ତ୍ରୀ ଅଶୋକ




ଭୁବନେଶ୍ୱର(ପରମେଶ୍ୱର ଦାଶ):- ବିଜ୍ଞାନ ଶିକ୍ଷାକୁ ଅଧିକ ସଶକ୍ତ କରିବା ପାଇଁ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ପରିଦର୍ଶନ କରିବା ନିମନ୍ତେ 'ଇସ୍ରୋ' ଓ 'ନାସା'କୁ ପଠାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ଓଡ଼ିଶା ବିଜ୍ଞାନ ଏକାଡେମୀର ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟରେ 'ମୋ ସ୍କୁଲ୍' ଯୋଜନାରେ ଆଦର୍ଶ ବିଦ୍ୟାଳୟଗୁଡିକର ବିଜ୍ଞାନ ଓ ଗଣିତ ଶିକ୍ଷକମାନଙ୍କୁ ଉଚ୍ଚତର ତାଲିମ ଦିଆଯିବା ସହିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରିବା ନିମନ୍ତେ ସରକାର କାର୍ଯ୍ୟ କରୁଛନ୍ତି ।

ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞାନର ଲୋକପ୍ରିୟତା ବୃଦ୍ଧି ଓ ଉପଯୋଗର ପ୍ରସାର ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଏବଂ ୬ଟି ଜିଲ୍ଲାରେ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱରଞ୍ଜନ ସାସମଲ, ବିଜ୍ଞାନ ଓ ବୈଷୟିକ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀଧର ଦାସ, ବିଶିଷ୍ଟ ଭୂବିଜ୍ଞାନୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ଉଦ୍ୟାନବିତ୍ ଜୟନ୍ତ ଜେନା, ଭୁବନେଶ୍ୱର ପ୍ଲାନେଟୋରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ, ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢୀ, ଏକାଡେମୀ ଓ ଶିକ୍ଷକମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏକାଡେମୀ ସଂପାଦକ ଇ. ନରେନ୍ଦ୍ର କୁମାର ପଣ୍ଡା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## କଟକରେ ଜଳଛତ୍ର ବ୍ୟବସ୍ଥା ନାହିଁ ! ଦୁଃଖ

**କଟକ(ତପନ ମହାନ୍ତି):-** ଦିନକୁ ଦିନ ଖରାର ତାତି ବଢ଼ିବାରେ ଲାଗିଛି । ଗତ କିଛିଦିନ ଧରି ସହରର ତାପମାତ୍ରା ୩୫ରୁ ୩୮ ଡିଗ୍ରି ମଧ୍ୟରେ ରହୁଛି । ଆଗକୁ ତାପମାତ୍ରା ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ତରଫରୁ ସୂଚନା ଦିଆଯାଇଛି । ହେଲେ ସିଏମସି କିମ୍ବା ଜନସ୍ୱାସ୍ଥ୍ୟ ବିଭାଗ(ୱାଟ୍କୋ) ପକ୍ଷରୁ ଏବେ ସୁଦ୍ଧା ସହରରେ ପିଇବା ପାଣିର ବ୍ୟବସ୍ଥା କରାଗଲା ନାହିଁ । ବର୍ଷ ବର୍ଷ ଧରି ସହରବାସୀ ଓ କଟକକୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କୁ ସିନ୍ଟେକ୍ସ ଟାଙ୍କିର ବ୍ୟବସ୍ଥା କରାଯାଇ ପିଇବା ପାଣି ଯୋଗାଯାଉଥିଲା । ମାତ୍ର ଚଳିତବର୍ଷ ଏହି ବ୍ୟବସ୍ଥାକୁ ସିଏମ୍ସି ୱାଟ୍କୋ ପକ୍ଷରୁ କୋଣଠେସା କରି ଦିଆଯାଇଛି । ଅନ୍ୟପଟେ ଅଚଳ ହୋଇ ପଡ଼ିଥିବା ଥଣ୍ଡା ପିଇବା ପାଣି ପ୍ରକଳ୍ପ, ବ୍ୟାଙ୍କ ଓ ସ୍ୱେଚ୍ଛାସେବୀ ସଂଗଠନ ଉପରେ ଭରସା କରି କର୍ତ୍ତୃପକ୍ଷ ହାତ ଟେକି ଦେଇଛନ୍ତି । ମହାନଗର ନିଗମ ଓ କୋ ପକ୍ଷରୁ ପ୍ରତିବର୍ଷ ଖରାଦିନରେ ସହରରେ ଜଳଛତ୍ର ଖୋଲାଯାଉଥିବା ବେଳେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଯାଇଛି । ମାର୍ଚ୍ଚ ମାସରେ ସହରର ବିଭିନ୍ନ ସ୍ଥାନରେ ସିଏମ୍ସି ୱାଟ୍କୋର ମିଳିତ ଉଦ୍ୟମରେ ପିଇବା ପାଣିର ଟାଙ୍କି ବ୍ୟବସ୍ଥା କରାଯାଏ । ସହରର ସାହିବସ୍ତିରେ ଥିବା ନଳକୂପଗୁଡ଼ିକର ମରାମତି କରାଯିବା ସହ ଥଣ୍ଡା ପାଣି ବ୍ୟବସ୍ଥା ଥିବା ପିଇବା ପାଣି ପଏଣ୍ଟଗୁଡିକର ମରାମତି ହୁଏ । ତେବେ ବର୍ଷ ବର୍ଷ ଧରି ସହରବାସୀଙ୍କୁ ଖରାଦିନେ ପାଣି ଟାଙ୍କି ବସାଇ ପିଇବା ପାଣି ଯୋଗାଇ ଆସୁଥିବା ସିଏମସି ୱାଟ୍କୋ ପକ୍ଷରୁ ଏହା ଚଳିତବର୍ଷ ଏକପ୍ରକାର ବନ୍ଦ ରହିବ ବୋଲି କୁହାଯାଇଛି । ସହରର ସମସ୍ତ ଘରକୁ ପାଣି ସଂଯୋଗ ହୋଇ ଯାଇଥିବାରୁ ପାଣି ଟାଙ୍କିର ବ୍ୟବସ୍ଥା କରାଯିବ ନାହିଁ ବୋଲି କୋ ଜେନେରାଲ୍ ମ୍ୟାନେଜର୍ ଦେବବ୍ରତ ମହାନ୍ତି କହିଛନ୍ତି । ସିଏମ୍ସି ସହଭାଗିତାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରରେ ଥଣ୍ଡା ପାଣି ପ୍ରକଳ୍ପ କରାଯାଇଛି । ନିଗମ ପକ୍ଷରୁ କିଛି ବ୍ୟାଙ୍କ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ଜଳଛତ୍ରର ବ୍ୟବସ୍ଥା କରିବାକୁ କୁହାଯାଇଛି ବୋଲି ସିଏମ୍ସି ନିର୍ବାହୀ ଯନ୍ତ୍ରୀ ଡି.ଆଁ ତ୍ରିପାଠୀ କହିଛନ୍ତି ।

## ୫୦୦କୋଟି ଟଙ୍କା ଠକେଇ, ନିର୍ଦ୍ଦେଶକ ଗିରଫ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ୫୦୦କୋଟି ଟଙ୍କା ଠକେଇ ଅଭିଯୋଗରେ ସକସେସ୍ ଅନାଲାଇନ ସର୍ଭିସ ସିଷ୍ଟମ(ଏସଓଏସଏସ) ଚିଟଫଣ୍ଡ କମ୍ପାନିର ଆଂଚଳିକ ନିର୍ଦ୍ଦେଶକ ଗିରଫ । ଗଞ୍ଜାମର ବ୍ରହ୍ମପୁରରୁ ଅଭିଯୁକ୍ତ ଆଂଚଳିକ ନିର୍ଦ୍ଦେଶ ନିଖିଳାନନ୍ଦ ପଶୁପାଳକଙ୍କୁ ଗିରଫ କରାଯାଇଛି । ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ପଶୁପାଳକଙ୍କୁ ଗିରଫ କରାଯାଇଛି । ୨୦୧୬ରେ ଏନେଇ ଇଓଡବ୍ଲୁ ପୁଲିସ ଷ୍ଟେସନରେ ଅଭିଯୋଗ କରାଯାଇଥିବା ବେଳେ ଏବେ ଅଭିଯୁକ୍ତଙ୍କୁ ଗିରଫ କରିଛି ଇଓଡବ୍ଲୁ । ଅଭିଯୋଗୀକାରୀ ପର୍ଶୁରାମ ବେହେରା ଏସଓଏସଏସ କମ୍ପାନି ନାଁରେ ଠକେଇ ଅଭିଯୋଗ ଆଣିବା ପରେ ତଦନ୍ତ ଆରମ୍ଭ କରାଯାଇଥିଲା ବୋଲି ଜଣାପଡିଛି ଏପର୍ଯ୍ୟନ୍ତ କରାଯାଇଥିବା ତଦନ୍ତରୁ ଜଣାପଡିଛି ଯେ ୟୁପିର ଗାଜିଆବାଦରେ ଥିବା ବସୁନ୍ଧରାରେ ଏସଓଏସଏସର ମୁଖ୍ୟ ଅଫିସ ରହିଥିବା ବେଳେ ଦେଶର ବିଭିନ୍ନ ରାଜ୍ୟରେ ଏହାର ଶାଖାରେ ଖୋଲି ଲୋକଙ୍କୁ ଲୁଟୁଥିଲା କମ୍ପାନି । ଓଡିଶାର ଗଞ୍ଜାମ ଜିଲ୍ଲରେ ଥିବା ବ୍ରହ୍ମପୁରର ଲୋଚାପଡାରେ ଏସଓଏସଏସର ଶାଖା ଖୋଲାଯାଇଥିବା ବେଳେ ଏହାର ଆଂଚଳିକ ନିର୍ଦ୍ଦେଶକ ଥିଲେ ନିଖିଳାନନ୍ଦ ପଶୁପାଳକ ବୀମା ସେବା ସେୟାର ମାର୍କେଟିଂ ଜମିଜମା କାରବାରର ସେବା ଯୋଗାଇ ଦେବାକୁ କହି ଲୋକଙ୍କୁ ଠକିଥିଲା ଏସଓଏସଏସ ଏସଓସଏସ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୫୦୦କୋଟି ଟଙ୍କା ଠକେଇ କରିଥିବା ଜଣାପଡିଛି । ୫୦୦କୋଟି ଟଙ୍କା ଠକିବା ପରେ ଜାନୁଆରି ୨୦୧୨ପରେ କମ୍ପାନିକୁ ବନ୍ଦ କରିଦେବା ସହ ଯୋଗଯୋଗ ନମ୍ବର ଓ ଠିକଣା ବଦଳାଇ ଦେଇଥିଲେ କମ୍ପାନି ସହ କାମ କରୁଥିବା ସମସ୍ତ କର୍ମଚାରୀ ନିଖିଳାନନ୍ଦ ପଶୁପାଳକ ମଧ ନିଜର ନମ୍ବର ଓ ଠିକଣା ବଦଳାଇ ଫେରାର ହୋଇଯାଇଥିଲେ । ଠକି ନେଇଥିବା ସେ ସିନେ ଭିଜନ ଅଧିନରେ ନିର୍ମାଣ ହେଉଥିବା ଭୋଜପୁରୀ ଫିଲ୍ମରେ ଲଗାଇବା ସହ ନିଜେ ସେହି ଫିଲ୍ମରେ ଅଭିନୟ କରିଥିଲେ ଏବେ ତାଙ୍କୁ ଗିରଫ କରାଯାଇଥିବା ବେଳେ ଅଧିକ ସୂଚନା ପାଇଁ ତଦନ୍ତ ଜାରି ରହିଛି ।




## ସାମ୍ବାଦିକଙ୍କୁ ଲୋକସେବା ଭବନକୁ ଛଡା ନଯିବାକୁ ନେଇ ବିଧାନସଭାରେ ଉଦବେଗ




**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଧାନସଭାରୁ ଶୁନ୍ୟକାଳରେ ସାମ୍ବଦିକମାନଙ୍କୁ ବିଧାନସଭାର ପ୍ରେସ ଗ୍ୟାଲେରି ଓ ଲୋକସେବା ଭବନକୁ ଛଡା ନ ଯିବାକୁ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଉଦବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି ସବୁ କିଛି ସ୍ୱାଭାବିକ ହେଲାଣି । କରୋନା ଗଲାଣି ରାଜନୈତିକ କାର୍ଯ୍ୟକ୍ରମ ଚାଲିଛି । ତେଣୁ ଏଭଳି ସ୍ଥିତିରେ କାହିଁକି ସାମ୍ବାଦିକଙ୍କୁ ଛଡାଯିବନି । ସେମାନଙ୍କୁ ଖବର ପରିବେଷଣ ପାଇଁ ସରକାର ଭିତରକୁ ଛାଡନ୍ତୁ । କେଉଁ କଥା ଲୁଚାଇବା ପାଇଁ ସରକାର ସାମ୍ବାଦିକମାନଙ୍କୁ ଛାଡୁ ନାହାନ୍ତି ବୋଲି ବି ପ୍ରଶ୍ନ କରିଛନ୍ତି ମୋହନ । ମୋହନ ମାଝୀଙ୍କ ପରେ କଂଗ୍ରେସ ବିଧାୟକ ରାଉତରାୟ ଓ ନରସିଂହ ମିଶ୍ର ବି ଏହି ପ୍ରସଙ୍ଗ ଉଠାଇଥିଲେ । ସାମ୍ବାଦିକଙ୍କୁ କାହିଁକି ଲୋକସଭାସେବା ଭବନକୁ ସାମ୍ବାଦିକମାନଙ୍କୁ ତୁରନ୍ତ ଛଡାଯିବା ଲାଗି ସେମାନେ ଦାବି କରିଥିଲେ ।

## ଖଣି ମାଫିଆଙ୍କ ଟାର୍ଗେଟରେ ୨୭ ବିଧାୟକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଖଣି ମାଫିଆଙ୍କ ଟାର୍ଗେଟରେ ୨୭ବିଧାୟକ ଏଭଳି କହି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଠାରୁ ସୁରକ୍ଷା ଲୋଡିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଆଜି ବିଧାନସଭାର ଶୂନ୍ୟକାଳରେ ଖଣି ପ୍ରସଙ୍ଗ ଉଠାଇ ମୋହନ ସୁରକ୍ଷା ମାଗିଛନ୍ତି । ସେ କହିଛନ୍ତି ଯେ ଏବେ ଖଣି ମାଫିଆ ରାଜ୍ୟରେ ମାତିଛନ୍ତି । ଲୁଟତରାଜ କରୁଛନ୍ତି । ଖଣି ମାଫିଆଙ୍କ ଟାର୍ଗେଟରେ ଏବେ ବିରୋଧୀ ଦଳର ୨୭ବିଧାୟକ ଅଛନ୍ତି । କେତେବେଳ କଣ ଘଟିବ, କିଏ ସୁରକ୍ଷା ଦେବ ବୋଲି ମୋହନ ମାଝୀ ପ୍ରଶ୍ନ କରିଛନ୍ତି । ବାଲି , ଲୁହାପଥର ମୋରମଓ ମାଟି ବେଆଇନଭାବେ ଚାଲାଣ ହୋଉଛି । ବିନା ଟ୍ରଞ୍ଜିଟ ପାସରେ ବାଲି ଉଠୁଛି । ୩୫ହଜାର ଲଘୁ ଖଣିଜ ଲୁଟ ହୋଇଛି ବୋଲି ମୋହନ ମାଝୀ ଆଜି ବିଧାନସଭାର ଶୂନ୍ୟକାଳରେ କହିଛନ୍ତି । ମୋହନ ମାଝୀଙ୍କ ଅନୁରୋଧ ପରେ ବାଚସ୍ପତି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସିପିଏମ ବିଧାୟକ ଲକ୍ଷବଢ ମୁଣ୍ଡା ଓ ସଂସଦୀୟ ବ୍ୟାପାରମନ୍ତ୍ରୀ ବିକ୍ରମ ଆରୁଖଙ୍କୁ ତାଙ୍କ ପ୍ରକୋଷ୍ଟକୁ ଆସି ଏ ସମ୍ପର୍କରେ ଆଲୋଚନା ପାଇଁ ଡାକିଛନ୍ତି ।



## କୋଲକାତାରେ ଉତ୍କଳ ଦିବସ ସମାରୋହ

ଭୁବନେଶ୍ୱର(ପରମେଶ୍ୱର ଦାଶ):- ଅପ୍ରେଲ୍ ୧ ତାରିଖ ଓଡ଼ିଆ ଜାତି ପାଇଁ ଏକ ଅବିସ୍ମରଣୀୟ ଦିବସ । ୧୯୩୬ ମସିହାରେ ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୂରଦୃଷ୍ଟିସଂପନ୍ନ ଓ ପଦକ୍ଷେପ ବଳରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ବହୁଦଶନ୍ଧି ପରେ ଆମେ ପାଇଲେ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ କୃତି 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଂଗୀତର ମାନ୍ୟତା ନବୀନ ସରକାରଙ୍କ ଏକ ବଡ ଉପଲବ୍ଧି । ସତ୍ୟବାଦୀ ବକୁଳବନର ପୁଣ୍ୟଭୂମି ପଞ୍ଚସଖାଙ୍କ ପୀଠରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନଠୁ ଆରମ୍ଭ କରି ଓଡ଼ିଆ ଭାଷା ଓ ସାହିତ୍ୟର ଜନକ ଆଦିକବି ସାରଳା ଦାସଙ୍କର ସମ୍ମାନରେ ଦିଲ୍ଲୀର ଜେଏନ୍ୟୁରେ ଗବେଷଣା ପାଇଁ ସ୍ୱତନ୍ତ୍ର ଚେୟାର ପ୍ରତିଷ୍ଠା ସରକାରଙ୍କ ଅନ୍ୟ ଏକ ବଡ ଉପଲବ୍ଧି । ଓଡ଼ିଆ ସଂସ୍କୃତି, ସାହିତ୍ୟ ଓ ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ କ୍ଷେତ୍ର ପୁରୀଠାରୁ ଆରମ୍ଭ କରି ଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମା ପ୍ରକାଶ କରିଛନ୍ତି ।




କୋଲକାତାଠାରେ ଓଡ଼ିଶା ମିଳିତ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଦାସବର୍ମା କହିଲେ ଯେ ଏହି ଅବକାଶରେ ଓଡ଼ିଆ ଭାଷାର ସୁରକ୍ଷା ତଥା ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ପାଇଁ ଉତ୍କଳ ସମ୍ମିଳନୀର ନିରବଚ୍ଛିନ୍ନ ଉଦ୍ୟମ ତଥା କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ରାମଚନ୍ଦ୍ର ମର୍ଦ୍ଦରାଜ, ପଣ୍ଡିତ ନୀଳକଣ୍ଠ, କବିବର ରାଧାନାଥ, କର୍ମବୀର ଗୌରୀଶଙ୍କର, ନୀଳମଣି ବିଦ୍ୟାରତ୍ନ ଆଦି ବରପୁତ୍ରଙ୍କର ତ୍ୟାଗ, ତପସ୍ୟା ଓ ସାଧନାର ଫଳସ୍ୱରୂପ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ହାସଲ କରିଥିବାରୁ ଏହି ବରପୁତ୍ରମାନଙ୍କୁ ଶ୍ରୀ ଦାସବର୍ମା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସମ୍ପାଦକୀୟ

## ଜାଗ ଓଡ଼ିଆ

ଭାଷାକୁ ଭିତ୍ତି କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ରାଜ୍ୟଭାବେ ସ୍ୱୀକୃତି ପାଇଲା ଆମ ରାଜ୍ୟ ଓଡ଼ିଶା । କିଛି ବର୍ଷ ତଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଏହା ଆମ ଭାଷା ଓ ଜାତି ପାଇଁ ଗୌରବର ବିଷୟ କିନ୍ତୁ ବିଡ଼ମ୍ବନା, ଯେଉଁ ସମୟରେ ଆମେ ଭାଷାକୁ ନେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ନୂଆ ପ୍ରସ୍ତାବ ଓ ପ୍ରକଳ୍ପ ଉପସ୍ଥାପନ କରି ସମସ୍ତଙ୍କୁ ଚମତ୍କୃତ କରୁଥାନ୍ତୁ, ସେହି ସମୟରେ ଆମ ଭାଷାର ଅସୁରକ୍ଷିତ ସ୍ଥିତି ନେଇ ଆମେ ସତରେ ବା ମିଛରେ ବ୍ୟସ୍ତବିବ୍ରତ । ଯେଉଁମାନେ ଏଥିପାଇଁ ଚିନ୍ତିତ, ସେମାନେ ସମସ୍ତେ ଶିକ୍ଷିତ ଲୋକ । କହିବା ବାହୁଲ୍ୟ ଯେ ସେଇ ଶିକ୍ଷିତ ଓ ଉଚ୍ଚଶିକ୍ଷିତମାନେ ହିଁ ମାତୃଭାଷା ଓଡ଼ିଆକୁ ହୀନ ଚକ୍ଷୁରେ ଦେଖୁଥିବାରୁ ଆଜିର ସ୍ଥିତି ସୃଷ୍ଟି ହୋଇଛି । କେବଳ ଖବରକାଗଜରେ କିଛି ଲେଖା ଲେଖି ବା ସଭାରେ ବକ୍ତୃତା ଦେଇ ବୁଦ୍ଧିଜୀବୀମାନେ ନିଜର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି । ଓଡ଼ିଆ ଭାଷାକୁ ଏମାନେ ହିଁ ସଂକଟଗ୍ରସ୍ତ କରିଛନ୍ତି, ସାଧାରଣ ଲୋକେ ତାକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି । ଯେଉଁମାନେ ଉଚ୍ଚଶିକ୍ଷିତ ନୁହଁନ୍ତି, ସେମାନେ ଆଜି ଓଡ଼ିଆ କହନ୍ତି, ଓଡ଼ିଆ ପଢ଼ନ୍ତି, ଓଡ଼ିଆ ଗୀତ ଗାଆନ୍ତି, ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତି । ଯେଉଁମାନେ ଉଚ୍ଚଶିକ୍ଷିତ, ସେମାନେ ହିନ୍ଦୀ, ଇଂରାଜୀ ପ୍ରେମରେ ଏତେ ମଜ୍ଜି ଯେ ଓଡ଼ିଆକୁ ନାକ ଟେକନ୍ତି । ତେଣୁ ଓଡ଼ିଆ ଭାଷାକୁ ସତରେ ଯଦି ସୁରକ୍ଷିତ ରଖିବାର ଅଛି ତେବେ ଏମାନଙ୍କୁ ପ୍ରଥମେ ଛଳନା ଓ ପ୍ରବଞ୍ଚନା ଛାଡ଼ିବାକୁ ହେବ । ଯେଉଁମାନେ ସତକୁସତ ଓଡ଼ିଆ ଭାଷାକୁ ଭଲ ପାଉଛନ୍ତି, ସେମାନେ ନିଜେ ଓଡ଼ିଆ କହିବା ସହିତ ଅନ୍ୟକୁ ଓଡ଼ିଆ କହିବା, ଲେଖିବାରେ ପ୍ରେରଣା ଦିଅନ୍ତୁ । ବ୍ୟବସାୟିକ ସଂସ୍ଥାର ନାମଫଳକଠୁ ଆରମ୍ଭ କରି ନିମନ୍ତ୍ରଣ ପତ୍ର ଯାଏଁ ସବୁଠି ଓଡ଼ିଆ ଲେଖାଯାଉ । ଦୁଃଖର କଥା, ଆଜିକାଲି ଯେଉଁଠି ବି ଓଡ଼ିଆ ଦେଖିବାକୁ ମିଳୁଛି ଅଧିକାଂଶ ଅଶୁଦ୍ଧ ଓ ବିକୃତ ଓଡ଼ିଆ । ସେସବୁକୁ ତୁରନ୍ତ ଶୁଦ୍ଧ ଓଡ଼ିଆରେ ଲେଖିବାର ବନ୍ଦୋବସ୍ତ କରାଯାଉ । ଯେଉଁମାନେ ବିଜ୍ଞ, ସେମାନେ ଅଜ୍ଞମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତୁ । ସବୁ ଗଣମାଧ୍ୟମ ମଧ୍ୟ ଭାଷାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ

ସତ୍ୟ ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୭୫୮୧୦୫୫୩୨

ଓ ଖେଚୁଡ଼ି ଭାଷାରୁ ଦୂରେଇ ରହନ୍ତୁ । ପ୍ରଥମଥର ପାଇଁ ଭାଷାକୁ ନେଇ ଗଠିତ ହୋଇଥିବା ରାଜ୍ୟରେ ସେଇ ଭାଷାକୁ ହିଁ ଏତେ ଅବହେଳା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହେବାକୁ ପଡୁଛି । ସରକାରୀ କ୍ଷେତ୍ରରେ ଓଡ଼ିଆ କାହିଁକି ପ୍ରଚଳନ ହେଉନାହିଁ ବୋଲି କୋଉକାଳୁ ହୁରି ପଡ଼ିଛି କିନ୍ତୁ ସାଧାରଣ କ୍ଷେତ୍ରରେ ଓଡ଼ିଆର ବହୁଳ ବ୍ୟବହାର ହେଲେ ଏବଂ ସଚେତନ ନାଗରିକ ସମାଜ ପକ୍ଷରୁ ଚାପ ପଡ଼ିଲେ ସରକାର ଆପେ ସୁଧୁରିବେ । ଏ ପର୍ଯ୍ୟନ୍ତ କେବଳ ବ୍ୟକ୍ତିଗତ ସ୍ତରରେ ସ୍ୱର ଉତ୍ତୋଳନ ହୋଇ ଆସିଛି, ଏଥର ସାମୂହିକ ଚାପ ପକାଇବା ଆରମ୍ଭ ହେଉ ।

କେବଳ ଭାଷା କ୍ଷେତ୍ରରେ ନୁହେଁ, ଆମେ କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଛୁ, ଛିନ୍ନମୂଳ ହେବାକୁ ବସିଛୁ । ଆମର ଅତୀତ ଯେତିକି ସଂଗ୍ରାମମୟ ଥିଲା, ହୁଏତ ଆଜି ତାହା ନାହିଁ ଅଥଚ ଆମେ ଆଗ ଅପେକ୍ଷା ଅଧିକ ନିଷ୍ପ୍ରଭ ମନେହେଉଛୁ । ଆମ ଭିତରେ ପୂର୍ବଭଳି ସେହି ସ୍ୱାଭିମାନ ନାହିଁ, ଯାହା ଆମକୁ ଜାତୀୟ ଜୀବନକୁ ପ୍ରଭାବିତ କଲା ଭଳି ଶକ୍ତି ପ୍ରଦାନ କରିବ । ସରକାର କହୁଛନ୍ତି ଆମ ରାଜ୍ୟରେ ଦାରିଦ୍ର୍ୟ କମିଛି, କିନ୍ତୁ ମନର ଦାରିଦ୍ର୍ୟ ସେତେଯେମିତି ବଢ଼ିଚାଲିଛି । ଲୋକଜୀବନକୁ ଯଥାର୍ଥ ବାଟରେ ନେବା ପାଇଁ ଯେଉଁମାନେ ଦିଗବାରେଣି ହୁଅନ୍ତେ, ସେହି ପାଠପଢୁଆ, ଶିକ୍ଷିତ ଗୋଷ୍ଠୀଟି ଏତେ ସ୍ୱାର୍ଥପର ଓ ପ୍ରବର୍ତ୍ତକ ହୋଇଯାଇଛନ୍ତି ଯେ ଆପଣା ଚିନ୍ତା ଛଡ଼ା ମୁହୂର୍ତ୍ତେ ବି ଅନ୍ୟ ଶୋଷିତ, ବଞ୍ଚିତଙ୍କ ପାଇଁ ଭାବିବାକୁ କୁଣ୍ଠିତ । ଆମ ଭିତରୁ ଅଧିକାଂଶ ଏବେ କୌଣସି ସ୍ୱାଧୀନ ଓ ସ୍ୱତନ୍ତ୍ର ଚିନ୍ତା କରିବାରେ ଅକ୍ଷମ । ସରକାରୀ ନୀତି ଏଥିପାଇଁ ଦାୟୀ ହୋଇଥିଲେ ହେଁ ଆମେ ନିଜେ ମଧ୍ୟ କ'ଣ କମ ଦାୟୀ ? ସରକାର ବା ପ୍ରଶାସନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଆମର ସ୍ୱାଭିମାନକୁ ନଷ୍ଟ କରିସାରିଛି । ଏଥିରୁ ଉଧୁରିବାକୁ ହେଲେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ପ୍ରକୃତ ଶିକ୍ଷା ଆମକୁ ଏ ଦିଗରେ ସାହାଯ୍ୟ କରିବ । କେବଳ ଅତୀତକୁ ଝୁରିହେଲେ କିଛି ହେବନାହିଁ ବର୍ତ୍ତମାନକୁ ସୁଦୃଢ଼ କରିବା ପାଇଁ ଉଦ୍‌ଯୋଗ କରିବାକୁ ହେବ । ରାଜନୀତିକୁ ପଛରେ ପକାନ୍ତୁ ସବୁଠାରୁ ବଡ଼ ହେଉଛି ଆମ ରାଜ୍ୟର ସଂକଳ୍ପବଦ୍ଧ ଭାଷା ପ୍ରୀତି ଓ ଭଲପାଇବା । ଏହାକୁ ଆମେ ସମସ୍ତେ ଏକ ଆହ୍ୱାନ ଭାବେ ଗ୍ରହଣ କରିବା କଥା । ଏହା ହିଁ ଆମର ଓ ଆମ ଜାତିର ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବ । ଓଡ଼ିଶା ଦିବସରେ ଆମେ ଏସବୁ ପ୍ରତି ଜାଗ୍ରତ ରହିବାକୁ ସଂକଳ୍ପ କରିବା ।

## ଗାଈଆଳର ବଂଶୀ

ଜଣେ ରାଜାଙ୍କ କୋଷାଧ୍ୟକ୍ଷ ଥରେ ଚୋରି ଅପରାଧରେ ଧରାପଡ଼ିଲା । ରାଜା ଶୁଣିବାକୁ ପାଇଲେ ଯେ ସେ ବହୁ ଧନ ରତ୍ନ ଓ ମୂଲ୍ୟବାନ ଜିନିଷମାନ ଲୁଚେଇ ରଖିଛି । ମାଟିତଳେ ଥିବା ଗୋଟିଏ ଘରେ ଲୁହାର ବାକ୍ସରେ ସେ ସବୁକୁ ତାଲା ପକାଇ ରଖିଛି । ରାଜା କୋଷାଧ୍ୟକ୍ଷ ଘରକୁ ଯାଇ ଗୁପ୍ତ ଧନ ରଖିଥିବା ସ୍ଥାନ ଦେଖାଇବାକୁ କହିଲେ ଓ ଜଣେ ଚାକରକୁ ସେ ଘର ଖୋଲିବାକୁ ଆଦେଶ ଦେଲେ । ହେଲେ ଏ କ'ଣ ଘରଟା ଖାଲି । ଗୋଟିଏ ଟେବୁଲ ଓ ମସିଣା ଖଣ୍ଡେ ମାତ୍ର ପଡ଼ିଛି । ଟେବୁଲ ଉପରେ ଗୋଟିଏ ବଂଶୀ ଓ ତା'ପାଖକୁ ଥଳିଟିଏ, ସେଥିରେ ଗାଈ ଚରାଇବା ବାଡି କେତୋଟି । ଆଶ୍ଚର୍ଯ୍ୟ ହୋଇ ରାଜା ଝରକା ବାଟେ ଦିଶୁଥିବା ଦୃଶ୍ୟ ଆଡ଼କୁ ଚାହିଁ ରହିଲେ । ବିସ୍ତୀର୍ଣ୍ଣ ସବୁଜ ପ୍ରାନ୍ତର, ଦୂରରେ ବୃକ୍ଷଲତା ଭରା ପାହାଡଟିଏ, ଅମରାବତୀର ସୌନ୍ଦର୍ଯ୍ୟ ପ୍ରକାଶୁ ଥାଏ ।

କୋଷାଧ୍ୟକ୍ଷ କହିଲା - ପିଲାବେଳେ ମୁଁ ଗାଈ ଚରାଉଥିଲି । ଆପଣ ହେଉଛନ୍ତି ସେ ଦୟାଳୁ ରାଜା, ଯିଏ ମୋତେ ଏଠୁ ନେଇ ଦରବାରରେ ବସାଇ ଦେଲେ । ପ୍ରତିଦିନ ରାଜ ଦରବାରରୁ ଫେରି ମୁଁ ମୋ ଏ ବଖରାଟିକୁ ଆସେ ଓ ଏଠି ବସି ମୋ ଅତୀତର ସରଳ ଜୀବନ କଥା ଭାବେ । ମୋ କୈଶୋରର ଗୀତ ଗାଏ, ମୋ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାଏ । ମୋ ଗୋଠର ଗୋଧେନୁ ମାନଙ୍କ ପାଇଁ ଗାଏ । ମୁଁ ଅନୁଭବ କରେ ଯେ ରାଜ ଦରବାରର ଆଡ଼ମ୍ବରପୂର୍ଣ୍ଣ ଜୀବନ ଠାରୁ ମୋ ଦରିଦ୍ର ବାପାଙ୍କର ସେ ସବୁଜ ବିଲର ଶ୍ରମିକ ଜୀବନ କେତେ ଅଧିକ ସୁଖକର ନ ଥିଲା ସତେ ? ସେଇ ସ୍ମୃତିଟି ମୋର ସବୁଠାରୁ ବଡ଼ ସମ୍ପଦ ଯାହାକୁ ମୁଁ ଅତିଯତ୍ନରେ ସାଇତି ରଖିଛି ସବୁଠାରୁ ନିରାପଦ ସ୍ଥାନରେ । ଆଉ ଥରେ ସେ ଗାଇ ଉଠିଲେ - ପାହାଡ଼ ତଳୁ ସେ ନାଲି ଆଲୁଅ, ହରି ନିଏ ସବୁ ଦୁଃଖ, ପରିହାସ କଲେ କରୁଥାଅ, ଅଛନ୍ତି 'ସେ' ଜାଣିରଖ ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢ଼ିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ରାଜ୍ୟରେ ଜଳ ସଙ୍କଟ



ସୌର ଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୦୦୪୪୬୬

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି । ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି । ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି । ଫେବୃଆରୀର ତାତିକୁ ଦେଖି ଯଦି ମାର୍ଚ୍ଚ, ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି । ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି । ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି । ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି । ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି । ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ବିଧାନସଭାରେ ମନ୍ତ୍ରୀ ମହୋଦୟ ସ୍ୱୀକାର କରୁଛନ୍ତି ଯେ, ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି । ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ । ମନ୍ତ୍ରୀଙ୍କ ସୂଚନାନୁସାରେ ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି । ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି । ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ । ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ । ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି । ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି । ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହା ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ଦାସ ବିଧାନସଭାରେ ଉତ୍ତର ରଖିଛନ୍ତି । ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି । ଗତବର୍ଷ ଫେବୃଆରକୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି । ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି । ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି । ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି ।

ଜଳର ଅନ୍ୟନାମ ଜୀବନ । ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି । ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି । ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି । ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ । ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି । ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି । ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି । ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି । ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ । ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳା ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି । ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ । ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର । ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ । ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ । ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି ।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି । ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ । ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି । ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ । ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି । ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି । ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି । ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି । ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି । ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି । ୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି । ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି । ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି । ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି । ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି । ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ । ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ । ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ । କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ ।

# ଅମୃତ ଆନନ୍ଦ

ହେମନ୍ତ କୁମାର ପରିଡ଼ା, ସିଡ଼ିଏ, କଟକ,
ଦୂରଭାଷ : ୮୭୬୩୧୦୭୧୨୬

ଆତ୍ମ ଉପଲବ୍ଧି ଜୀବନର ପରମ ଲକ୍ଷ୍ୟ । ଆତ୍ମା କୌଣସି ବାହ୍ୟ ବସ୍ତୁ କିମ୍ବା ଦୂରାଗତ ପଦାର୍ଥ ନୁହେଁ । ମୁଁ ସ୍ୱୟଂ ହିଁ ଆତ୍ମା । ଏହି ବସ୍ତୁତ ସ୍ୱସତ୍ତାର ଉପଲବ୍ଧି ପାଇଁ ଏତେସବୁ ପ୍ରୟାସ । ଆମର ଜନ୍ମ ଆମର ସମସ୍ତ କର୍ମ, ଏହି ବିଶ୍ୱର ସଂସାର ପରମ ଈଶ୍ୱର । ବେଦ ବେଦାନ୍ତ ଆଦି ସମସ୍ତ ଶାସ୍ତ୍ରର ଲକ୍ଷ୍ୟ ଓ ଆବଶ୍ୟକତା କେବଳ ଏହି ଆତ୍ମ ଉପଲବ୍ଧି ପାଇଁ । ଦୁର୍ଲଭ ମାନବ ଜନ୍ମ ଯଦି ଏହା ଏହି ଜନ୍ମରେ ନହେଲା ତେବେ ଜୀବନ ବ୍ୟର୍ଥ ହୋଇଗଲା । ମିଳିଥିବା ସୁଯୋଗ ହାତଛଡ଼ା ହେଲାବୋଲି ବୁଝିବାକୁ ହେବ । ସଂସାର ଚକ୍ର ଘୁରୁଛି । ଶାସ୍ତ୍ରରେ କୁହାଯାଇଛି 'ପୁନର୍ବିତ୍ତଂ ପୁନର୍ମିତ୍ରଂ ପୁନର୍ଭାର୍ଯ୍ୟା ପୁନର୍ମହୀ, ଏତ ସର୍ବଂ ପୁନଲଭ୍ୟଂ ନଶରୀର ପୁନଃ ପୁନଃ ।' ବିତ୍ତ, ମିତ୍ର, ଭାର୍ଯ୍ୟା, ଭୂପତି ହେବା ବାରମ୍ବାର ଜୀବନରେ ଆସିପାରେ ହେଲେ ପ୍ରାପ୍ତ ହୋଇଥିବା ଏହି ଶରୀର କେବେ ପୁନର୍ବାର ପ୍ରାପ୍ତ ହୁଏନାହିଁ । ଏହି ସଂସାର ରୂପକ ଜନ୍ମମୃତ୍ୟୁ ଚକ୍ର ଅତ୍ୟନ୍ତ ଦୁଃଖଦାୟକ । ବୁଦ୍ଧିମାନ ବ୍ୟକ୍ତି ଏହି ସଂସାର ଚକ୍ରରୁ ନିବୃତ୍ତ ହେବାପାଇଁ ପ୍ରାପ୍ତ ସୁଯୋଗକୁ ଆଦୌ ହାତଛଡ଼ା କରିବା ଉଚିତ ନୁହେଁ । ଏଥିରୁ ନିବୃତ୍ତ ହେବାର ପୂର୍ଣ୍ଣ ଅଧିକାର ଆମର ଅଛି । ମୁକ୍ତି ମନୁଷ୍ୟର ଜନ୍ମଗତ ଅଧିକାର । ଏହି ଅଧିକାରରୁ କେହି ଆମକୁ ବଞ୍ଚିତ କରି ପାରିବେ ନାହିଁ କିମ୍ବା ବାଧା ଦେଇ ପାରିବେ ନାହିଁ । କିନ୍ତୁ ନିବୃତ୍ତ ହେବାର ଦାୟିତ୍ୱ ଆମର ।

ଆତ୍ମ ସାକ୍ଷାତକାର ବା ଆତ୍ମ ଉପଲବ୍ଧି କୌଣସି ଏକ ଅଦ୍ଭୁତ ଉଦ୍ଭାବନ ନୁହେଁ କିମ୍ବା କୌଣସି ନୂତନ ବସ୍ତୁତ ପ୍ରାପ୍ତି ନୁହେଁ । ଆତ୍ମ ବିସ୍ମୃତିର ଉପଲବ୍ଧି ବା ଆବିଷ୍କାର ହେଉଛି ଆତ୍ମ ସାକ୍ଷାତକାର । ଏହା ଏକ ବୋଧ, ଏକ ଅବଗତି । ବିସ୍ମୃତ ଚେତନାର ପୁନ୍ନ ଜାଗରଣ ସହିତ ତାକୁ ଅନୁଭବ କରିବାର ଅବବୋଧ ହେଉଛି ଆତ୍ମ ଉପଲବ୍ଧି । ଏଥିପାଇଁ ସମୟ, ଶ୍ରମ, ଅବାଗମନ ଆଦି କିଛିର ଆବଶ୍ୟକତା ନାହିଁ । କେବଳ ବୋଧ ହେବାର ଅଛି । ଏହି ବୋଧଶୀଳ ଅବସ୍ଥା ସବୁଠାରୁ ସହଜ ଓ ସବୁଠାରୁ କଷ୍ଟ ମଧ୍ୟ । ମୁଁ ଆତ୍ମା । ଏହି ବୋଧ ଦୃଢ଼ ହୋଇଗଲେ ହେଲା । ଖାଲି ଶୁଣା କଥାରେ ଆତ୍ମଜ୍ଞାନ ହୋଇଯାଏ ନାହିଁ । ପୋଥିଗତ ବିଦ୍ୟାକୁ ଅନୁଭବରେ ଆଣିବାକୁ ହେବ । ମିଳିଥିବା ଜ୍ଞାନକୁ ବିଜ୍ଞାନରେ ରୂପାନ୍ତର କରିବାକୁ ହେବ । କୁହାଯାଇଛି - 'ଜ୍ଞାନ ଶାସ୍ତ୍ରୀୟ, ବିଜ୍ଞାନ ଅନୁଭବ' । ଜ୍ଞାନ ବିଜ୍ଞାନ ନ ହେଲେ ଅନୁଭବରେ ଆସିବ ନାହିଁ ।

ଜ୍ଞାନ ବିଜ୍ଞାନ ହେବା ଅର୍ଥ ନିଜ ସ୍ଥିତିରେ ଦୃଢ଼ ହେବ । ଆତ୍ମ ସଚ୍ଚିଦାନନ୍ଦ ସ୍ୱରୂପ । ଏହା ଆତ୍ମ ସ୍ଥିତି । ସତ ଏବଂ ଚିତ ଏକ ଏବଂ ଅଭିନ୍ନ । ଯେଉଁଠାରେ ସତ ଯେଉଁଠାରେ ଚିତ ସେଠାରେ ସ୍ୱତଃ ଆନନ୍ଦ ଅଭିବ୍ୟକ୍ତ ହେବେ । ଏହା ଏକ ଅନିର୍ବଚନୀୟ ସ୍ଥିତି । ପରମ ଆନନ୍ଦ, ପରମ ପ୍ରଶାନ୍ତିର ଏହା ଘନୀଭୂତ ରୂପ । ଚେତନାର ଜାଗରଣରେ ପରମ ଆନନ୍ଦ ପ୍ରାପ୍ତ ହୁଏ । ପ୍ରଥମେ ଗୁରୁ କିମ୍ବା ଜ୍ଞାନୀ ମାନଙ୍କ ମୁଖରୁ ଶୁଣିବା ଦରକାର । ଏହି ବିଷୟରେ ସ୍ୱାଧ୍ୟାୟ କରିବା ଉଚିତ । ତାପରେ ଯାହା ଶ୍ରବଣ ଓ ସ୍ୱାଧ୍ୟାୟରୁ ଜାଣିଲେ ତାହା ବିଷୟରେ ମନନ କରିବା ଦରକାର । ଏହି ବିଚାର ଗଭୀର ହେଲେ ଧୀରେ ଧୀରେ ଧ୍ୟାନରେ ମନ ନିମଗ୍ନ ହୋଇଯିବ । ଗଭୀର ଧ୍ୟାନ ଦ୍ୱାରା ଆତ୍ମସାକ୍ଷାତକାର ସମ୍ଭବ ହୋଇପାରିବ । ସେତେବେଳେ ସ୍ୱତଃ ଅନୁଭବ ହେବ 'ତତ ତ୍ୱମ ଅସି' । ମୁଁ ହିଁ ସେହି ଅନିର୍ବଚନୀୟ ସତ୍ତା । ମୁଁ ଏକ ଏବଂ ଅଭିନ୍ନ ।

ଧ୍ୟାନ ବିନା ଜ୍ଞାନ ନାହିଁ । ଧ୍ୟାନ ହେଉଛି ଏକତ୍ୱ ଅନୁଭବର ସାଧନା । ନିୟମିତ ଧ୍ୟାନ ସାଧକକୁ ଅଧିକରୁ ଅଧିକ ଅନ୍ତର୍ମୁଖୀ କରିଥାଏ । ଧ୍ୟାନ ଦ୍ୱାରା ମନ ସୂକ୍ଷ୍ମର ସୂକ୍ଷ୍ମତର ହୋଇ ଶେଷରେ ଆତ୍ମ ଚେତନାରେ ନିମଜ୍ଜିତ ହୋଇଯାଏ । ଆତ୍ମ ଚେତନା ସହ ଏକାକାର ହେବା ହେଉଛି ଅମୃତ ପ୍ରାପ୍ତି । ଏକଦା ଅମୃତ ପ୍ରାପ୍ତି ପାଇଁ ବିଶ୍ୱର ଦୁଇ ବୃହତ ଶକ୍ତି ଦେବ ଓ ଦାନବ ମାନେ ଏକତ୍ରିତ ହୋଇ ସମୁଦ୍ର ମନ୍ଥନ କରିଥିଲେ । ସମୁଦ୍ର ମନ୍ଥନରୁ ଅନେକ ଅମୂଲ୍ୟ ବସ୍ତୁ ସହିତ ଅମୃତ ପ୍ରକଟ ହୋଇଥିଲେ । ମନ୍ଥନ ପ୍ରଭାବରେ ପ୍ରଥମେ ହଳାହଳ ବିଷ ପ୍ରକଟ ହୋଇଥିଲା । ସମୁଦ୍ର ମନ୍ଥନ ହେଉଛି ପ୍ରତୀକାତ୍ମକ ଭାବେ ମାନସ ମନ୍ଥନ । ସେହିଭଳି ଧ୍ୟାନ ହେଉଛି ମାନସ ମନ୍ଥନ । ମନର ମୂଳେ ଏ ଜଗତ । ଆମରି ମନତିର ବିଷ, ଆମରି ମନରେ ଅମୃତ । ମନ ହେଉଛି ରତ୍ନଗର୍ଭା ରତ୍ନାକର । ଆପଣାର ସମସ୍ତ ଶକ୍ତି ଲଗାଇ ଧ୍ୟାନ କରିବାକୁ ପଡ଼ିଥାଏ । ଧ୍ୟାନ କଲେ ଅନନ୍ତ ଜନ୍ମରୁ ସଞ୍ଚିତ ପାପ କର୍ମର ଫଳ ପ୍ରଥମେ ସମ୍ମୁଖକୁ ଆସିଥାଏ ଶେଷରେ ଅମୃତ ପ୍ରକଟ ହୋଇଥାନ୍ତି । ଆତ୍ମ ଅନୁଭବ ହେଉଛି ଅମୃତ ପ୍ରାପ୍ତି । ଏହା ସମାଧିର ଗଭୀରତମ ଅବସ୍ଥାରେ ଅନୁଭୂତ ହୋଇଥାଏ । ଆମର ସମସ୍ତ ସାଧନାର ମୂଳ ହେଉଛି ଶାଶ୍ୱତ ଶାନ୍ତି ଏବଂ ପରମାନନ୍ଦ ପ୍ରାପ୍ତି । ଏଥିପାଇଁ ଧ୍ୟାନ ହେଉଛି ପ୍ରଶସ୍ତ ପଥ । ଧ୍ୟାନ କରିବା ନୁହେଁ ଧ୍ୟାନ ସ୍ୱାଭାବିକ ଭାବେ ସ୍ୱତଃ ହୋଇଟିବା ଉଚିତ । ଗଭୀର ପ୍ରେମ ହେଉଛି ଗଭୀର ଧ୍ୟାନର ଆଧାର । ଜଣେ ମା'ର ତା ନବଜାତ ଶିଶୁ ପ୍ରତି ମାନସିକ ଆକର୍ଷଣ, ପ୍ରେମିକ ପ୍ରେମିକାଙ୍କର ମାନସିକ ଆକର୍ଷଣ ଭଳି ଈଶ୍ୱରଙ୍କ ପ୍ରତି ଆକର୍ଷଣ ହେବା ଦରକାର । ସତସଙ୍ଗ, ସ୍ୱାଧ୍ୟାୟ, ଶ୍ରଦ୍ଧା, ଭକ୍ତି, ପ୍ରେମ ଧୀରେ ଧୀରେ ଧ୍ୟାନରେ ରୂପାନ୍ତର ହୋଇଯାଏ । ସେତେବେଳେ ଧ୍ୟାନ କରିବାକୁ ପଡ଼େ ନାହିଁ । ଧ୍ୟାନ ସ୍ୱତଃ ହୋଇଯାଏ । ଭଗବାନ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - 'ତସ୍ମାତ୍ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ । ମର୍ଯ୍ୟାର୍ପିତ ମନୋବୁଦ୍ଧିର୍ମାମେ ବୈଷ୍ୟସ୍ୟ ସଂଶୟ' ଅର୍ଥାତ୍ ତୁମେ ସବୁ ସମୟରେ ମୋତେ ସ୍ମରଣକର ଏବଂ ଯୁଦ୍ଧ କର । (ଯୁଦ୍ଧ ଅର୍ଥ ଏଠାରେ କର୍ତ୍ତବ୍ୟ କର୍ମ) ମୋ ଠାରେ ମନବୁଦ୍ଧି ଅର୍ପଣ କଲେ ନିଃସନ୍ଦେହରେ ମୋତେ ହିଁ ପ୍ରାପ୍ତି ହେବ । ଏହା ହେଉଛି ସବୁ ସାଧନାର ମୂଳ ବୀଜ । ପ୍ରେମ ଭକ୍ତିର ସହିତ ଈଶ୍ୱରାନୁରାଗ ଧୀରେ ଧୀରେ ସାଧନାର ଗଭୀରତମ ପ୍ରଦେଶ ସୂକ୍ଷ୍ମାତି ସୂକ୍ଷ୍ମ ସମାଧି ଆଡ଼କୁ ଟାଣି ନେବ । ପରମ ପ୍ରଶାନ୍ତି, ପରମ ଆନନ୍ଦ କୌଣସି ଗ୍ରନ୍ଥ ବା ମଠ ମନ୍ଦିର, ମସଜିଦ, ଚର୍ଚ୍ଚ ଆଦିରେ ମିଳେ ନାହିଁ । ଏହା ଅନ୍ତକରଣର ସଞ୍ଚିତ ଗୁପ୍ତଧନ । ଗଭୀର ଧ୍ୟାନ ଦ୍ୱାରା ମାନସ ମନ୍ଥନ କରି ଅପାର ଆନନ୍ଦର ଅମୃତ ଧାରା ପାନ କରିବାକୁ ହୋଇଥାଏ । ଅମୃତ ଆନନ୍ଦ ସମସ୍ତଙ୍କୁ ପ୍ରାପ୍ତ ହେଉ ।

# କ୍ଷମା ମାନବ ଜୀବନର୍ ଶିରୋମଣି



ଭବାଶିଷ ଦାସ
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୮୬୧୧୧୮୬୭୩

କ୍ଷମା ମାନବ ଜୀବନର ଶିରୋମଣି ସଦୃଶ । ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ । କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ । ଏହାର ଉତ୍ପତ୍ତି ପ୍ରେମରୁ । ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ । ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲୀଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ । ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ । ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ । ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ । ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ । ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର । ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ । ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା । ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ । ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ । ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ । ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇ ପାରିବ । ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ । ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ । ସତକର୍ମ ନିମନ୍ତେ ସତସଙ୍ଗ ଦରକାର । ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ । ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ । ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ । ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ । ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ । ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ । ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ ।

ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ । ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ । ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ । ପ୍ରେମ ଓ କ୍ଷମା ସମାନ । ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ । ଶାନ୍ତ ଭାବ ଗୋଟିଏ ଭଲ ଗୁଣ । ଏହା ଆତ୍ମାର ସ୍ୱଭାବ । ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ । କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ । ପରମାତ୍ମା ମଧ୍ୟ ବାଙ୍ଗମୟୀ, ଜ୍ୟୋର୍ତିମୟୀ, ଶବ୍ଦ ବ୍ରହ୍ମମୟୀ, ପରାପ୍ରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି । ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି । ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି । ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର । ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ ।

# ଚିଟଫଣ୍ଡ ଟଙ୍କା ଫେରିପାଇବେ ଜମାକାରୀ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏଥର ମିଳିଲା ଖୁସି ଖବର ଚିଟଫଣ୍ଡ ଠକେଇ ମାମଲାରେ ଆଉ ଅତ୍ୟାଚାର ସହିବେନି ସାଧାରଣ ଜନତା। ଚିଟଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରାଜ୍ୟର ବହୁଚର୍ଚ୍ଚିତ ଚିଟଫଣ୍ଡ ଠକେଇର ଶିକାର ହୋଇଥିବା ଜମାକାରୀଙ୍କ ଫେରସ୍ତ ମାମଲା ଉପରେ ହୋଇଥିବା ଆବେଦନ ଉପରେ ଏହି ଗୁରୁତ୍ୱପୂର୍ଣ୍ଣ ଶୁଣାଣି ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଫାଷ୍ଟ କମ୍ ଫାଷ୍ଟ ସର୍ଭ



ଆଧାରରେ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାଙ୍କରେ ଜମା ଥିବା ୪୮କୋଟି ଜମାରାଶି ଚିଟଫଣ୍ଡ ଜମାକାରୀଙ୍କୁ ଫେରାଇବାକୁ କୁହାଯାଇଛି । ଚିହ୍ନଟ ଜମାକାରୀଙ୍କୁ ଯାଂଚ କରି ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। । ଜମାକାରୀଙ୍କୁ ଟଙ୍କା ଦେବାକୁ ଜିଏଲ୍ସି ହାଇକୋର୍ଟ ଆବେଦନ କରିଥିଲେ। ଓଡିଶାରେ ଚିଟଫଣ୍ଡ ଦୂର୍ନୀତିର ତଦନ୍ତ ଜଷ୍ଟିସ୍ ଏମ୍ଏମ୍ ଦାସଙ୍କ ଦ୍ୱାରା ହେଉଛି। ପ୍ରାୟ ୫ଲକ୍ଷ ଯୁଦ୍ର ଜମାକାରୀ ୪୫୦ଟି କମ୍ପାନି ଦ୍ୱାରା ଚିଟଫଣ୍ଡ ଠକେଇର ଶିକାର ହୋଇଥିବା ତଥ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।

# ଉତ୍କଳ ଦିବସରେ ସଫେଇ ଓ ବୃକ୍ଷରୋପଣ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନ କଲିଓଦା ଉପ୍ରା ବିଦ୍ୟାଳୟ ପରିସରରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ସତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ରେ ଯେଉଁ ବରପୁତ୍ର ମାନଙ୍କର ଭୂମିକା ଥିଲା ସେମାନଙ୍କ ସ୍ମରଣ ଉଦ୍ଦେଶ୍ୟରେ ଆମେ ଏହି ଦିବସ ପାଳନ କରିଥାଉ। ପ୍ରାରମ୍ଭରେ ସେହି ବରପୁତ୍ର ମାନଙ୍କୁ ପୁଷ୍ପମାଲ୍ୟା ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରାଯାଇଥିଲା। ଛାତ୍ରଛାତ୍ରିଙ୍କ ମଧରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ର ଛାତ୍ରଛାତ୍ରୀଙ୍କ ଉତ୍କଳଦିବସର ମହତ୍ତ୍ୱ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଶିକ୍ଷକଶିୟିତ୍ରୀ ମାନେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକରିଥିଲେ। ଶେଷରେ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅନିରୁଦ୍ଧ ଦାସ,ଶିକ୍ଷୟତ୍ରୀ



ସରସ୍ୱତୀ ପଣ୍ଡା,ସ୍ମୃତିରେଖା ମହାପାତ୍ର,ଆଦ୍ୟାରଶ୍ମୀ ପଣ୍ଡା,ପ୍ରଣୀତା ମହାପାତ୍ର ପ୍ରମୁଖ ପରିଚ୍ଛଳନା କରିଥିଲେ।

# ଅଙ୍ଗନୱାଡ଼ିକୁ ଗ୍ୟାସ୍ ବଣ୍ଟନ



**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକରେ ସରକାରଙ୍କ ପକ୍ଷରୁ ଆଜି ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଏଲପିଜି ଗ୍ୟାସ୍ ବଣ୍ଟନର ଶୁଭାରମ୍ଭ କରାଯାଇଥିଲା। ଏହାକୁ ରଘୁନାଥପୁର ବିଡିଓ ଜିତେନ୍ଦ୍ର କୁମାର ନାୟକ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ, ଓରମାସ ଅଧିକାରୀ , ଅଙ୍ଗନୱାଡି ସୁପରଭାଇଜର, ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ। ଆଜି କନ୍ଦରାପାଟି, ଜଗନ୍ନାଥପୁର ଆଦି ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଏଲପିଜି ବଣ୍ଟନ କରାଯାଇଥିଲା।

# ଜବାହର ନବୋଦୟ ବିଦ୍ୟାଳୟର ୧୧ତମ ବାର୍ଷିକ କ୍ରୀଡା ଦିବସ -୨୦୨୨ ଉଦଯାପିତ

**ରାହାମା(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର ଜବାହର ନବୋଦୟ ବିଦ୍ୟାଳୟ ସାଇଲୋ, ରାହାମାର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପନୀ ହୋଇଯାଇଅଛି। ଏହି ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର ସଭାପତିତ୍ୱ କରିବା ସହିତ ମୁଖ୍ୟଅତିଥି କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଓ ସମ୍ମାନିତ ଅତିଥିଭାବେ ଓଡିଶା ସାମ୍ବାଦିକ ସଙ୍ଘ ଜିଲ୍ଲା ସଭାପତି ସମାଜସେବୀ ଡ଼ଃ ସୁନାକର ବେହେରା ଯୋଗଦେଇ ନିଜର ଅଭିଭାଷଣ ରଖିବା ସହିତ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ କୋଭିଡ ୧୯ ମହାମାରୀ ର ପ୍ରକୋପ ଯୋଗୁ ବିଦ୍ୟାଳୟ ବହୁତ ଦିନ ବନ୍ଦ ରହିଥିଲା । ଏହି ସମୟ ବିଦ୍ୟାର୍ଥୀ, ଶିକ୍ଷକ ଓ ଅଭିଭାବକମାନଙ୍କ ପାଇଁ ଏକ କଠିନ ସମୟ ଥିଲା ।ଛାତ୍ରଛାତ୍ରୀମାନଙ୍କ ମନୋଭାବ କୁ ବୁଝି ବିଦ୍ୟାଳୟର ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର ବିଦ୍ୟାଳୟର ଅନ୍ୟ ଅଧିକାରୀ ମାନଙ୍କ ସହଯୋଗରେ ଦୁଇ ଦିନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି କୁଜଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ମହୋଦୟ ସୌମ୍ୟରଂଜନ ପାଣିଗ୍ରାହୀ ଙ୍କ ଦ୍ୱାରା ୨୯ ମାର୍ଚ୍ଚ ୨୦୨୨ ଦିନ ପ୍ରାରମ୍ଭ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ସେଠି ଓ ସମାଜସେବୀ ଡ଼ଃ ସୁନାକର ବେହେରା ନିଜର ବହୁମୂଲ୍ୟ ସମୟ ଦେଇ ଏବଂ ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ ।ଏହି କ୍ରୀଡା ସମାରୋହରେ ଆବାସିକ ବିଦ୍ୟାଳୟର ସମସ୍ତ ଆରବଳୀ, ଶିବଳିକ, ନୀଳଗିରି ଓ ଉଦୟଗିରି ସଦନର କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀମାନେ ଭଗନେଇଥିଲେ ।ନିଜ ନିଜ ଗୃହର



ରଙ୍ଗ ଅନୁସାରେ ପୋଷାକ ପରିଧାନ କରି ଉତ୍ସାହର ସହିତ ଉତ୍ସବ ର ବାତାବରଣ ସୃଷ୍ଟି କରିଥିଲେ ।ଈଶ୍ୱରଙ୍କ ପ୍ରତିରୂପ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ପ୍ରକୃତି ମଧ କୋମଳତା ର ଉପହାର ପ୍ରଦାନ କଲା ।ବିଭିନ୍ନ ପ୍ରକାରର ଦୌଡ଼ ପ୍ରତିଯୋଗିତା, ଲମ୍ଫ କୁଦ, ଉଚ୍ଚ କୁଦ, ଡିସ୍କ, ଜ୍ୟାଭିଲିଙ୍ଗ ଇତ୍ୟାଦି। ପାଠପଢା ରୁ ମୁକ୍ତ ରହି ପିଲାମାନେ ଖୁସି ଅନୁଭବ କରୁଥିଲେ ।କ୍ରୀଡା ସମାରୋହର ଦ୍ୱିତୀୟ ଦିନ ବା ଅନ୍ତିମ ଦିବସ ରେ ରିଲେ ରେସ, ଛୁଞ୍ଚି ସୁତା, ମ୍ୟୁଜିକ ଚେୟାର ଆଦି ମୁଖ୍ୟ ଥିଲା ।ପିଲାମାନଙ୍କ ସହିତ ବିଦ୍ୟାଳୟର ଶିକ୍ଷିକା ଏବଂ ବିଦ୍ୟାଳୟ ପରିବାରର ଗୃହିଣୀ ମାନେ ମଧ ଭାଗ ନେଇଥିଲେ।ବିଦ୍ୟାଳୟର ଉଦୟଗିରି ସଦନ ପ୍ରଥମ ସ୍ଥାନ ଅଧିକାର କଲା ।ବିଦ୍ୟାଳୟର ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର କ୍ରୀଡା ଶିକ୍ଷକ ଓ ଶିକ୍ଷିକା ଅମର କୁମାର ରାମ, ମିନାକ୍ଷୀ ବାରିକ ଙ୍କ ପ୍ରଶଂସା କରିବା ସହିତ ଅନ୍ୟ ଅଧିକାରୀ ଶ୍ରୀ ସିମାଞ୍ଚଳ ଗୌଡା, ସଞ୍ଜୟ କୁମାର ଜେନା, ଜୟନ୍ତ ପାଣି, ଅଙ୍ଗୁରବାଲା ବଳ, ଅନାମିକା ଦାସ, ପ୍ରମିଳା ସାହୁ, ସବିତା କୁମାରୀ ପଣ୍ଡା, କବିତା ଜେନା, ମିନାକ୍ଷୀ ଦାସ,ସୁଧୀର ମହାପାତ୍ର, ପ୍ରଶାନ୍ତ ନାୟକ, ଦିଗନ୍ତ ପଟ୍ଟନାୟକ, ପୃଥ୍ୱୀରାଜ ପଣ୍ଡା ନିତ୍ୟାନନ୍ଦ ସୋରେନ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ପ୍ରଶଂସା କଲେ । ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଶ୍ରୀ ପ୍ରଦୀପ କୁମାର ବାରିକ ମହୋଦୟ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କଲେ ।ମୁଖ୍ୟ ଅତିଥି ତହସିଲଦାର ମହୋଦୟା କ୍ରୀଡା ସମାପନ ର ସମାପ୍ତି ଘୋଷଣା କରିଥିଲେ ।

# ରୋଟାରୀ କ୍ଲବ କଟକ ଗ୍ରେଟର ତରଫରୁ ହାତଧୁଆ ପ୍ରକଳ୍ପ ଉଦ୍‌ଘାଟିତ

**ବାଦାମବାଡି(ସଂପର୍କବାର୍ତ୍ତା):-** କଟକ ଗ୍ରେଟର ରୋଟାରୀ କ୍ଲବ ତରଫରୁ ଏକ ହାତଧୁଆ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। କ୍ଲବର ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ସତ୍ୟବ୍ରତ ତ୍ରିପାଠୀ ଉକ୍ତ ପ୍ରକଳ୍ପର ଉଦଘାଟନ ତଥା ସେକ୍ଟର-୬ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଲୋକାର୍ପଣ କରିଥିଲେ। ଶିଶୁ ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା ତଥା ଶିଶୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକଙ୍କ ଉପସ୍ଥିତିରେ ରୋଟାରୀ କ୍ଲବର ସଭାପତି ଗିରୀବାଳା ମହାପାତ୍ର, ସମ୍ପାଦିକା ତଥା ସାଇଭକ୍ତ ଡ଼ଃ ବିଜୟଲକ୍ଷ୍ମୀ ଭୂୟାଁ ଏବଂ ଅନ୍ୟାନ୍ୟ ସମ୍ମାନନୀୟ ସଦସ୍ୟ ସର୍ବଶ୍ରୀ ଗଙ୍ଗାଧର ରାଉତରାୟ, ଡଃ. ପି.କେ. ନାୟକ, ଶିକ୍ଷାବିତ୍ କୁଞ୍ଜ ବିହାରୀ ଜେନା, ଡଃ. ବିଶ୍ୱନାରାୟଣ ମହାନ୍ତି, କେ.କେ.ଦାସବର୍ମା, ଶୁଭେନ୍ଦୁ ଦାସ, ପ୍ରଭାତ ମହାପାତ୍ର, ମାନସ ରଞ୍ଜନ ସେଠୀ, ରୋହିଣୀ ପଟ୍ଟନାୟକ, ଆର.କେ.ନାୟକ ଏବଂ ଶ୍ରୀମତୀ ସୁସ୍ମିତା ରାଉତଙ୍କ ସହଯୋଗରେ ଉକ୍ତ ଉତ୍ସବ ସଂଗଠିତ ହୋଇଥିଲା। ଶିଶୁ ମନ୍ଦିରର ସେକ୍ରେଟାରୀ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ପାଇଟାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ବ୍ୟବସାୟୀ ଅମରଜୀତ୍ ସମ୍ବର୍ଦ୍ଧିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ମାଳହୁଙ୍କା (ଗୋପିଆକୁଦ)ଗ୍ରାମର ଯୁବ ବ୍ୟବସାୟୀ ଅମରଜିତ ସାହୁ ଡିପ୍ଲୋମା ପାସ କରି ଚାକିରି ପଛରେ ନଗୋଡେଇ ନିଜ ଗୋଡରେ ନିଜ ଛିଡା ହେବା ପାଇଁ ଭାରତ ମସଲା କମ୍ପାନୀର ବିଭିନ୍ନ ମସଲାଜାତ ଦ୍ରବ୍ୟକୁ ନେଇ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରିଥିଲେ। ଏହି ଭାରତ ମସଲାର ବିଭିନ୍ନ ସାମଗ୍ରୀ କୁ ଡିଷ୍ଟ୍ରିବୁଟ୍ କରି ଆଜି ଲକ୍ଷ ସ୍ଥଳରେ ପହଞ୍ଚି ଥିବାରୁ ଭାରତ ମସଲା କମ୍ପାନୀ ପକ୍ଷରୁ ପୁରୀ ଠାରେ ହେଉଥିବା ଡିଷ୍ଟ୍ରିବ୍ୟୁଟର କର୍ମଶାଳରେ ଅମରଜିତ୍ ସାହୁଙ୍କୁ କମ୍ପାନୀର ଏମଡି




ସୁଶାନ୍ତ ପଣ୍ଡା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ କହିଥିଲେ ଯୁବ ବ୍ୟବସାୟ ଅମରଜିତଙ୍କ ମନବଳ ଆହୁରି ଦୃଢହେବା ସହିତ ଅଧିକ ମାତ୍ରାରେ କାର୍ଯ୍ୟକରିବେ ବୋଲି କହିଛନ୍ତି। ଏହି କର୍ମଶାଳାରେ ନିର୍ଦ୍ଦେଶକ ସୀମାନାଥ ପଣ୍ଡା, ଜେନେରାଲ ମ୍ୟାନେଜର ଅଶ୍ୱିନୀ ଦାଶ, ଏ.ଏସ.ଏମ ଅଭୟ ବରାଳ ପ୍ରମୁଖ ଭାରତ ମସଲା କମ୍ପାନୀର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।ତେବେ ଯୁବ ବ୍ୟବସାୟୀ ସମ୍ବର୍ଦ୍ଧିତ ହୋଇ ଖୁସି ବ୍ୟକ୍ତ କରିବାସହ ନିଜର ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ବ୍ୟାସ ସେବାଶ୍ରୀ ସମ୍ମାନ

**କୁଜଙ୍ଗ(ସଂପର୍କବାର୍ତ୍ତା):-** କୁଜଙ୍ଗ ବ୍ଲକ ସାଇଲୋ ଗ୍ରାମପଞ୍ଚାୟତର ତେରମାଣପୁର ଗ୍ରାମର ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ, ପାରାଦ୍ୱୀପ ଆନୁକୂଲ୍ୟରେ ଜଗତସିଂହପୁରଜିଲ୍ଲା ବାଲିକୁଦା ସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଆଧାତ୍ମିକ ସଭାମଞ୍ଚରେ ମୁଖ୍ୟଅତିଥି ଭାରତୀୟ ଧାନ ଗବେଷଣା କେନ୍ଦ୍ରର ଅବସର ପ୍ରାପ୍ତ କୃଷି ବୈଜ୍ଞାନିକ ଡ଼ଃ ସୁଦର୍ଶନ ସାସମଲ, ବ୍ରାହ୍ମଚାରୀ ଡ଼ଃ ସ୍ମୃତି ସାଗର ମହାରାଜ,ଡ଼ଃ ଚିଦାନନ୍ଦ ବ୍ରାହ୍ମଚାରୀ, କଟକ ଶିଶୁ ଭବନର ପ୍ରଫେସର ଡାକ୍ତର ବନୋଜ କୁମାର ଦାସ, ବ୍ୟାସ ଫାଉଣ୍ଡେସନ ର ପ୍ରତିଷ୍ଠାତା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ,ଇତ୍ୟାଦି ବହୁ ମାନ୍ୟଗଣ୍ୟ ଅତିଥିମାନଙ୍କ ହସ୍ତରୁ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ବ୍ୟାସ ଶ୍ରୀ ସମ୍ମାନରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଉପଢୌକନରେ ବିଭୂଷିତ କରାଯାଇଛି ।ଶ୍ରୀଯୁକ୍ତ ବେହେରା ରାଜ୍ୟ ଓ ରାଜ୍ୟବାହାରର ସର୍ବ ଭାରତୀୟ



ସ୍ତରରେ ନିଜର ସମାଜସେବା ପାଇଁ ପ୍ରତିଷ୍ଠା ଅର୍ଜନ କରି ବହୁବିଧ ପ୍ରତିଭା ଭାଜନହୋଇ ବିଭିନ୍ନ ସମ୍ମାନରେ ସମ୍ମାନିତ ହେଉଥିବାରୁ ଜଗତସିଂହପୁର ଜିଲ୍ଲାର ମାଟି ଗର୍ବିତ ବୋଲି ଫାଉଣ୍ଡେସନର ସଭାପତି ସିଧେଶ୍ୱର ପଣ୍ଡା ତାଙ୍କ ଅଭି ଭାଷଣ ରଖିଥିଲେ ଏବଂ ଶ୍ରୀକୃଷ୍ଣ ଗୁରୁକୁଳ ବିଦ୍ୟାଳୟର ଅଧକ୍ଷ,ସମସ୍ତ ଆଚାର୍ଯ୍ୟ/ଗୁରୁ ମା ଓ ପଣ୍ଡିତ ପ୍ରଶାନ୍ତ ଶତପଥୀ ଡ଼ଃ ବେହେରାଙ୍କ ସମାଜସେବା ପାଇଁ ବିଦ୍ୟାଳୟ ତରଫରୁ ଧନ୍ୟବାଦ ଓ କୃତଜ୍ଞତା ପ୍ରଦାନ କରିଥିଲେ।

# ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମ୍ମିଳନୀ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ -୨୦୨୨ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରମୋଦ କୁମାର ବାରିକ,ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲିପ କୁମାର ଜେନା,ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଦ୍‌କାରୀ ଯକ୍ଷ୍ମା ଏବଂ କୁଷ୍ଠ ସନ୍ତୋଷ କୁମାର ବେହେରା, ଷ୍ଟେଟ କନସଲାଣ୍ଟ କମ୍ୟୁନିଟ ପେରାସେସ ସୁଶାନ୍ତ କୁମାର ନାୟକ, ଡିପିଏମ ଚକ୍ରଧର ଜେନା, ଉପସ୍ଥିତ ରହି ଆଶା ଦ୍ୱାରା କରାଯାଉଥିବା ସମସ୍ତ ସେବା ମୂଳକ ନକାର୍ଯ୍ୟ, କୋଭିଡ ମହାମାରୀରେ ମନହାନ କାର୍ଯ୍ୟ ଉପରେ ସମସ୍ତେ ପ୍ରଶଂସା କରିଥିଲେ। ସେହିପରି ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି କାର୍ଯ୍ୟକ୍ରମର ପ୍ରଶଂଶା କରାଯାଇଥିଲା। ପ୍ରତି ବ୍ଲକ ସ୍ତରରୁ ଓ ସହରାଞ୍ଚଳର ମୋଟ୍ ତିରିଶଜଣ ଆଶା କର୍ମୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଠଟି ଗାଁ କଲ୍ୟାଣ ସମିତି କୁ ସୁସ୍ଥ ଗାଁ ପୁରସ୍କାର ପ୍ରତ୍ୟେକଙ୍କୁ




ଦଶ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପାରାଦ୍ୱିପ ସହରାଞ୍ଚଳ ର ୩୧ଟି ମହିଳା ଆରୋଗ୍ୟ ସମିତି ଓ ଜଗତସିଂହପୁର ଛଅଟି ମହିଳା ଆରୋଗ୍ୟ ସମିତି କୁ ସତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ୨୦୨୦-୨୧ରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତ ସେବା ପାଇଁ କାୟାକଳ୍ପ ସମ୍ମାନ ଜଗତସିଂହପୁର ଜିଲ୍ଲାରେ ୧୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ଏବଂ ଆୟୁଷ ଡାକ୍ତର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମକୁ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚ୍ଛଳନାରେ ଆସିଷ୍ଟାଣ୍ଟ ମ୍ୟାନେଜର ଅମିତା ପଣ୍ଡା,ଏପିଏମ ମମତା ଦାଶ, ଆସିଷ୍ଟାଣ୍ଟ ମ୍ୟାନେଜର ସୁଜାତା ଦାସ, ଆକାଉସେ ମ୍ୟାନେଜର ନୀଳମାଧବ ରଥ, ଏଲ.ଏ.ଆଇ.ଏସ ସ୍ୱସ୍ତି ମହାନ୍ତି, ଭିବିଡି କନସଲାଣ୍ଟ ଅସିତ କୁମାର ଦାଶ ପ୍ରମୁଖ ପରିଚ୍ଛଳନାରେ ସହାୟତା କରିଥିଲେ। ଶେଷରେ କମ୍ୟୁନିଟ ପ୍ରୋସେସ ଆସିଷ୍ଟାଣ୍ଟ ମ୍ୟାନେଜର ଅମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଆଶାକର୍ମୀ ଓ ଅଙ୍ଗନୱାଡୀକର୍ମୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସ୍ୱପରାୟଣତା(ଅଟିଜିମ୍) ସ୍ନାୟବିକ ସମସ୍ୟା କାରଣରୁ ସାମାଜିକ ଭାବବିନିମୟ ଏବଂ ଯୋଗାଯୋଗ ଅସୁବିଧା ଭୋଗୁଥିବା ଲୋକମାନଙ୍କୁ ସମସ୍ତେ ବୁଝିବା ଆବଶ୍ୟକ। ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସଚେତନତା ଓ ବିଭିନ୍ନ ପଦକ୍ଷେପର ରୂପାୟନ ଦରକାର ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି।




ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପକ୍ଷରୁ ଆୟୋଜିତ ଏକ ସଚେତନତା ଦିବସ ରାଲିର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ସ୍ୱପରାୟଣତା ସମସ୍ୟା ରହିଥିବା ଲୋକମାନେ ସାନସିକ ସ୍ତରରେ ଅନଗ୍ରସର ହୋଇଥିଲେ ମଧ ସେମାନଙ୍କୁ ବିଭିନ୍ନ ପ୍ରତିବନ୍ଧକରୁ ମୁକ୍ତ କରି ବିଭିନ୍ନ କାର୍ଯ୍ୟରେ ସାମିଲ କରାଯାଇପାରିବ। ଚଳିତ ବର୍ଷ ମିଳିତ ଜାତିସଂଘ ଘୋଷିତ ପ୍ରସଙ୍ଗ 'ସମସ୍ତ କାର୍ଯ୍ୟରେ ଅନ୍ତର୍ଭୁକ୍ତି' ଉପରେ ବକ୍ତବ୍ୟ ରଖି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଭିନ୍ନକ୍ଷମାନଙ୍କୁ ବିଭିନ୍ନ ପ୍ରକାର ସାମାଜିକ-ଅର୍ଥନୈତିକ କାର୍ଯ୍ୟକ୍ରମରେ ସଂପୃକ୍ତ କରାଯାଇପାରିବ। ସକାଳେ ସ୍ଥାନୀୟ ରାମ ମନ୍ଦିର ଛକଠାରୁ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ଏହି ରାଲିରେ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଭାଗର ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଆଲୋଚନାରେ : ଦ କାଶ୍ମୀର ଫାଇଲ୍ସ

ଭାରତର ଏକ ପବିତ୍ର ଭୂମି କାଶ୍ମୀର। ଯେଉଁଠି ଏକଦା ମୁନି, ଋଷିମାନେ ବସତି ସ୍ଥାପନ କରୁଥିଲେ। ଯେଉଁଠି ବ୍ରାହ୍ମ ମୁହୂର୍ତ୍ତରୁ ପଣ୍ଡିତ ମାନଙ୍କ ମନ୍ତ୍ର ଉଚ୍ଚାରଣ କର୍ଣ୍ଣଗହ୍ୱରକୁ ପବିତ୍ର କରୁଥିଲା। ସେଭଳି ଏକ ପବିତ୍ର ଭୂମି ହେଉଛି କାଶ୍ମୀର। ପୁଣି ଦଶନ୍ଧି ଦଶନ୍ଧି ଧରି କାଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ବିମୁଗ୍ଧ କରିଆସିଛି ଦେଶ ବିଦେଶର ଅଗଣିତ ପର୍ଯ୍ୟଟକଙ୍କୁ। ସେହି ସୌନ୍ଦର୍ଯ୍ୟର ଗନ୍ତାଘର ଦେବଭୂମିରେ ନବେ ଦଶକରେ ଘଟିଯାଇଥିଲା ଅମାନବୀୟ କାଣ୍ଡ।

କାଶ୍ମୀରକୁ ରାଜନୀତିର ପଶାପାଲିର ଗୋଟି କରି ପଡ଼ୋଶୀ ରାଷ୍ଟ୍ର ପାକିସ୍ଥାନ ଆନ୍ତର୍ଜାତୀୟସ୍ତରରେ ଭାରତକୁ ନିନ୍ଦିତ କରିବାକୁ ଉଦ୍ୟମ ଚଳାଇଛି। ମାତ୍ର ବିଡ଼ମ୍ବନା ହେଉଛି କାଶ୍ମୀରବାସୀଙ୍କ ବ୍ୟଥାଭରା କାହାଣୀ ପ୍ରତି କେହି କେବେ କର୍ଣ୍ଣପାତ କରିନାହାନ୍ତି। ପଡ଼ୋଶୀ ଦେଶର ଷଡ଼ଯନ୍ତ୍ର କାଶ୍ମୀରରେ ଭାଇଚାରାକୁ ନଷ୍ଟ କରିଛି। ହିନ୍ଦୁମାନେ ନିର୍ଯାତିତ ହୋଇଛନ୍ତି, ମୁସଲମାନମାନେ ପ୍ରତାରିତ ହୋଇଛନ୍ତି। ଏହାପଛରେ କାହାର ହାତ ଅଛି, ଏଥିପାଇଁ କିଏ ଯୋଜନା କରିଛି ତାହା ଭିନ୍ନ କଥା। ମାତ୍ର ୯୦ ଦଶକରେ କାଶ୍ମୀରର ଗୌରବ କୁହାଯାଉଥିବା ପଣ୍ଡିତ ମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ଇତିହାସରେ ସୃଷ୍ଟି କରିଥିଲା ଏକ କଳଙ୍କିତ ଅଧ୍ୟାୟ। ନିର୍ଯାତିତ ଓ ଅତ୍ୟାଚାରିତ ପଣ୍ଡିତମାନଙ୍କୁ ଛାଡ଼ିବାକୁ ପଡ଼ିଥିଲା ସେମାନଙ୍କ ଶହ ଶହ ବର୍ଷର ପୈତୃକ ଘର ଓ ସମ୍ପତ୍ତି। ବିପଦଆପଦରୁ ରକ୍ଷା ପାଇବା ପାଇଁ ନିଜ ଘରେ ଆଶ୍ରୟ ନେଇଥାଏ ମଣିଷ। ମାତ୍ର ନବେ ଦଶକରେ କାଶ୍ମୀର ପଣ୍ଡିତ ମାନଙ୍କ ପାଇଁ ସେମାନଙ୍କ ଘର ହିଁ ଅସୁରକ୍ଷିତ ସ୍ଥାନ ପାଲଟି ଯାଇଥିଲା। ଜୀବନ ବଞ୍ଚାଇବା ପାଇଁ କୋଟି କୋଟି ଟଙ୍କାର ସମ୍ପତ୍ତି ଛାଡ଼ି ରାତାରାତି ପଳାୟନ କରିଥିଲେ। ଆଉ ଏବେ ସେମାନେ ନିଜ ଦେଶର ବିଭିନ୍ନ ସ୍ଥାନରେ ଶରଣାର୍ଥୀ ଜୀବନ ଜିଉଁଛନ୍ତି। କାଶ୍ମୀର ପଣ୍ଡିତଙ୍କ ନିର୍ଯାତନାର କରୁଣ କାହାଣୀକୁ ନେଇ ନିର୍ମିତ ହୋଇଛି ଫିଲ୍ମ 'ଦ କାଶ୍ମୀର ଫାଇଲ୍ସ'। ନିଖୁଣ ଅଭିନୟ, ଦମଦାର କାହାଣୀ, ବଳିଷ୍ଠ ନିର୍ଦ୍ଦେଶନା ଯୋଗୁଁ ଏହି ଫିଲ୍ମଟି କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଚର୍ଚ୍ଚାରେ ରହିଛି। ତେବେ ଫିଲ୍ମକୁ ସଫଳ କରିବା ପାଇଁ କେତେକ ସମ୍ପ୍ରଦାୟକୁ ଖଳନାୟକ ସଜାଇବା ପାଇଁ ଚେଷ୍ଟା କରାଯାଇଛି ବୋଲି ଅଭିଯୋଗ ହୋଇଛି। 'ଅଗର ଫିରଦୌସ୍ ବର ରୁ-ଏଜମିନ ଅସ୍ତ, ହମିନ ଅସ୍ତ ଓ ହମିନ ହସ୍ତ ଓ ହମିନ ଅସ୍ତ।' ଏହାର ଅର୍ଥ ପୃଥିବୀରେ ଯଦି କେଉଁଠି ସ୍ୱର୍ଗ ଅଛି ତେବେ ଏଇଠାରେ ଅଛି, ଏଇଠି ଅଛି। ଭାରତର ଭୂସ୍ୱର୍ଗ କାଶ୍ମୀରକୁ ନେଇ ଏହି ଫଂକ୍ତି। ଧର୍ମଯୁଦ୍ଧ ନାଁରେ ନରସଂହାର। 'ଦ କାଶ୍ମୀର ଫାଇଲ୍ସ' ରିଲିଜ ହେବା ପରେ ଅନେକ ଦିନ ଧରି ଲୁଚି ରହିଥିବା ସତ୍ୟକୁ ଆଜି ପ୍ରତିଟି ଦେଶବାସୀ କରୁଛନ୍ତି ହୃଦୟଙ୍ଗମ। ନବେ ଦଶକରେ ଜିହାଦ ବା ଧର୍ମଯୁଦ୍ଧ ନାମରେ କାଶ୍ମୀର ପଣ୍ଡିତ ମାନଙ୍କୁ ନର୍କର ନିଆଁକୁ ଠେଲି ଦିଆଯାଇଥିଲା। ଯାହାର ବୀଜ ବପନ ହୋଇଥିଲା ଅଶୀ ଦଶକରୁ। ୧୯୮୯ ମସିହାରେ କାଶ୍ମୀରରେ ଆତଙ୍କବାଦ ଯୁଗ ବିସ୍ତାର ହେବାକୁ ଲାଗିଲା। ହିଜବୁଲ ମୁଜାହିଦ୍ଦିନ ଏବଂ ଜେକେଏଲଏଫ କାଶ୍ମୀରରେ ଜିହାଦ ଘୋଷଣା କରିଥିଲେ। ଏହା ପରେ ବୁଲେଟ ବର୍ଷା ମାଧ୍ୟମରେ ମୃତ୍ୟୁର ତାଣ୍ଡବ ଆରମ୍ଭ ହେଲା। ଉପତ୍ୟକାରେ କାଶ୍ମୀର ପଣ୍ଡିତ ମାନଙ୍କ ଖରାପ ଦିନର ପ୍ରଥମ ସଙ୍କେତ ୧୪ ସେପ୍ଟେମ୍ବର ୧୯୮୯ରେ ଆଗମନ ହୋଇଥିଲା। ଚାରୋଟି ଭାଷାରେ ହେବ ରିମେକ୍ : 'ଦ କାଶ୍ମୀର ଫାଇଲ୍ସ'ର ସଫଳତା ପରେ ବେଶ ଉତ୍ସାହିତ ଅଛନ୍ତି ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ। ଏଭଳି ସଫଳତା ପରେ 'ଦି କାଶ୍ମୀର ଫାଇଲ୍ସ'ର ନିର୍ମାତ ଏହାକୁ ଅନ୍ୟ ଚାରୋଟି ଭାଷା ତେଲୁଗୁ, ତାମିଲ, କନ୍ନଡ ଓ ମାଲାୟାଲାମରେ ରିମେକ କରିବାର ଯୋଜନା ରଖିଛନ୍ତି।



ନାଟ୍ୟସାରଥି ଅଭୟ କୁମାର ଦାସ
ଗୋଡରା, ମାହାଙ୍ଗା, କଟକ
ଦୂରଭାଷ : ୯୪୩୭୧୪୨୭୧୭

କାଶ୍ମୀର ପଣ୍ଡିତଙ୍କ ଦୁଃଖଦ କାହାଣୀ କେବଳ ନୁହେଁ, କାଶ୍ମୀରର ଚାଲିଚଳଣି, ଖାଦ୍ୟପେୟର ସ୍ୱାତନ୍ତ୍ର୍ୟ ଉପରେ ମଧ୍ୟ ପ୍ରଦର୍ଶିତ କରାଯାଇଛି। ଏହି ଚଳଚ୍ଚିତ୍ରରେ ଚିରାଚରିତ ନୃତ୍ୟ, ଗୀତ ବା ପ୍ରେମର ଦୃଶ୍ୟ ନାହିଁ। କିନ୍ତୁ ଛାତ୍ର ଆନ୍ଦୋଳନ, ନିଜ ଅଧିକାର ପାଇଁ ଲଢ଼େଇର ଚିତ୍ର ଅତ୍ୟନ୍ତ ବଳିଷ୍ଠ ଭାବେ ପ୍ରତିଫଳିତ। ସବୁ ଦୃଷ୍ଟିରେ ଦେଖିଲେ 'ଦା କାଶ୍ମୀର ଫାଇଲ୍ସ' ଏକ ଲୋକପ୍ରିୟ ସିନେମା।

# କାହା ପାଇଁ ଓଡ଼ିଶା ଦିବସ ?

୧୯୩୬ ମସିହା ଏପ୍ରିଲ ୧, ଏହିଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା । କିନ୍ତୁ ସେବେଠାରୁ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ପାଇଥିଲେ ବି ବିଭିନ୍ନ ସମୟରେ ରାଜ୍ୟର ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀମାନେ ଏହାକୁ ଉତ୍ସବ ଭାବେ ପାଳନ କରି ନଥିଲେ । ପରବର୍ତ୍ତୀ ପିଢ଼ି ଓଡ଼ିଶା କେବେ ସ୍ୱତନ୍ତ୍ର ରାଜ୍ୟ ହେଲା ତାହାକୁ ଯେପରି ଭୁଲି ନ ଯିବେ ସେଥିପାଇଁ ନନ୍ଦିନୀ ଶତପଥୀ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରଥମକରି ୧୯୭୫ ମସିହାରେ ଓଡ଼ିଶାର ଜନ୍ମଦିନ ପାଳନ ଆରମ୍ଭ କଲେ । ସେହି ବର୍ଷଠାରୁ ପ୍ରତିବର୍ଷ ଏପ୍ରିଲ ପହିଲାକୁ ସରକାରୀ ସ୍ତରରେ ଓଡ଼ିଶା ଦିବସ ଭାବେ ପାଳନ କରାଯାଇ ଆସୁଛି । କେବଳ ଆମ ରାଜ୍ୟରେ ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ଓ ବିଦେଶରେ ରହୁଥିବା ଓଡ଼ିଆମାନେ ମଧ୍ୟ ଏହି ଉତ୍ସବ ପାଳନ କରିଆସୁଛନ୍ତି । ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ 'ଓଡ଼ିଶା' ପ୍ରଥମ ହୋଇଥିଲେ ହେଁ ଓଡ଼ିଆ ଭାଷା, ସଂସ୍କୃତି ଏବେ ସଂକଟରେ । ଆଉ ସମୟ ନାହିଁ ଏବେ ଆସିଛି ଆତ୍ମସମୀକ୍ଷାର ବେଳ, ସଂକଳ୍ପ ନେବାର ବେଳ ।

ଓଡ଼ିଶା ଦିବସ । ଓଡ଼ିଶାର ଏକାନ୍ତ ନିଜସ୍ୱ । ପ୍ରତିଟି ଓଡ଼ିଆ ଗର୍ବ କରିବାର ଏକ ମସ୍ତବଡ଼ ଅବକାଶ । ହେଲେ ଏହି ଦିବସଟି ଓଡ଼ିଶାର ଭବିଷ୍ୟତ କୁହାଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ କିଛି ମାନେ ରଖୁନି । କେବଳ ଅଲଗା ଛୁଟିଦିନ ପରି ଗୋଟେ ଛୁଟିଦିନ । ତେଣୁ ଏହା ସେମାନଙ୍କୁ ନିରାଶ କରିବା ସହ ହତୋତ୍ସାହିତ କରିଥାଏ ବାସ୍ତବ କଥା ହେଉଛି ପବିତ୍ର ଉତ୍କଳ ଦିବସ କ'ଣ ଓ କାହାପାଇଁ କେହି ପ୍ରାୟତଃ ବୁଝିବାର ଅବକାଶ ନ ପାଇବି  କେହି କେହି ଏହି ଦିନଟି ବିଚିତ୍ର ଭାବନାରେ ଦିନଟିଏ ପାଇଁ ଓଡ଼ିଆ ଭାବନାର ପ୍ରମାଣ ଦେଉଥିଲେ ବି କେହି କେହି ଅପ୍ରେଲଫୁଲ୍‌ର ମାୟାରେ ବାୟା ହୋଇଥାନ୍ତି । ତେବେ ସଂପ୍ରତି ଉତ୍କଳ ଦିବସକୁ ଯେତେକି କେହି ମନେ ନପକାନ୍ତି ବରଂ ଅପ୍ରେଲ୍‌ଫୁଲ୍ ଭାବରେ ଜଣେ ଖାଣ୍ଟି ବିଦେଶୀ ଭାବରେ ଅପ୍ରେଲ୍‌ଫୁଲ୍ କହି ଭକୁଆ ବନାଇ ବାହାଦୂରୀ ନେବା ପାଇଁ ପଛେଇ ନଥାନ୍ତି । ଏହି ଲେଖକ ପ୍ରାୟତଃ ପବିତ୍ର ଉତ୍କଳ ଦିବସ ଦିନ କିଛି ବିଚିତ୍ର କଲ୍ ପାଇଥାଏ ଯାହାର ପରବର୍ତ୍ତୀ ଧାଡ଼ିଟି ଥାଏ '... ହେଇ ତମେ ଅପ୍ରେଲ୍‌ଫୁଲ୍ ହେଲ' । ବାସ୍ତବରେ ଏହି ପବିତ୍ର ଦିନର ସ୍ମୃତି ବିଜଡ଼ିତ ପଦଚିହ୍ନକୁ କେହି ନାଁ ଧରିବା ପାଇଁ ନାଁ କେହି ଛୁଇଁବା ପାଇଁ, ନାଁ କେହି ପ୍ରୟାସ କରିଥାନ୍ତି ଇଏ ହେଉଛି ବିଶ୍ୱର ଅନ୍ୟତମ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଭାରତର ଅଧିବାସୀ ମାନଙ୍କ ନିଜ ମାତୃଭୂମିର ସୃଷ୍ଟି ଦିନଟିକୁ ନେଇ ପାଶ୍ଚାତ୍ୟ ସଂସ୍କୃତିର ବିଚିତ୍ର ଭାବନା। ଉତ୍କଳ ଦିବସଟି ଆମ ମାଟିମାଆର କାଳଜୟୀ ବରପୁତ୍ରଙ୍କ ବଳୀଦାନର, ଆତ୍ମଉତ୍ସର୍ଗର, ମାତୃଭାଷା, ମାତୃଭୂମିକୁ ଭଲପାଇବାର ଶ୍ରେଷ୍ଠ ମୁହୂର୍ତ୍ତ ଓ ପବିତ୍ର ଦିନଟି ହୋଇଥିଲେ ବି ଫେସନ୍ ଓ ଅନୁକରଣ ସଂସ୍କୃତିର ନିଶାରେ ସମସ୍ତଙ୍କ ସହ ବାୟା ହେଲାପରି ଆମ୍ଭେମାନେ ବାୟା ହୋଇଥାଉ। ପୂର୍ବ ପୁରୁଷମାନେ କେତେ କଷ୍ଟରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢ଼ିତୋଳିଲେ, ଅଥଚ ଆମେ ସେହି ଦିନରେ ଘରେ ବସି ମଉଜ ମଜଲିସ୍ କରିବାକୁ ବରଂ ଗୁରୁତ୍ୱ ଦେଉଥାଉ। ବରଂ ଏହି ପବିତ୍ର ଓଡ଼ିଶା ଦିବସରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବକ୍ତୃତା ପ୍ରତିଯୋଗିତା, ଆଲୋଚନାଚକ୍ର ଏବଂ ଓଡ଼ିଶାର ବରପୁତ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋଚନା ହେବା ଦରକାର। ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ଚିନ୍ତାଧାରା ସୃଷ୍ଟି କରିବା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କରେ ଅଧିକ ସଚେତନ କରାଇବ। ଖୋଲାମଞ୍ଚରେ ରାଜ୍ୟର ସମସ୍ୟା ଓ ଓଡ଼ିଶାର ସ୍ୱପ୍ନ ଏବଂ ସମ୍ଭାବନା ନେଇ ବିତର୍କ ହେବା ଦରକାର । ଏପରି କରାଗଲେ ହୁଏତ ଓଡ଼ିଶା ଦିବସର ମାହାତ୍ମ୍ୟ ଛାତ୍ରୀଛାତ୍ର ବୁଝି ପାରନ୍ତେ । ଖାଲି ପାଳନ କରିଦେଲେ ଉତ୍ସବ ପାଳନର ଲକ୍ଷ୍ୟ ସାଧିତ ହୁଏନି । ପୂରା ଓଡ଼ିଶାବାସୀଙ୍କୁ ଏଥିରେ ସାମିଲ କରିବା ଦରକାର। ବିଶେଷକରି ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ସାମିଲ କରି ସେମାନଙ୍କୁ ରାଜ୍ୟର ବରପୁତ୍ରଙ୍କ କାହାଣୀ ସମ୍ପର୍କରେ ଆଉ ଥରେ ସ୍ମରଣ କରାଇଲେ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ରହିବ। ତେବେ ଯାହା ହେଉନା କାହିଁକି ନିଜ ମାଆ, ମାଟି, ଜନ୍ମଭୂମି, ଭାଷା ଓ ତ୍ୟାଗୀ ବରପୁତ୍ରଙ୍କ ନିଃସ୍ୱାର୍ଥପର ବଳୀଦାନକୁ କୃତଜ୍ଞତାପୂର୍ବକ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିଜ ମାତୃଭାଷାକୁ ଭଲପାଇ ମାତୃଭୂମି ପାଇଁ ନିଜ ଗୁରୁଦାୟିତ୍ୱ ସମ୍ପର୍କରେ ସଚେତ ହୋଇ ରାଜ୍ୟର ପ୍ରଗତିରେ ଭାଗିଦାର ହେବାର ଶ୍ରେଷ୍ଠ ଶପଥ ଦିବସ ହେଉଛି ଉତ୍କଳ ଦିବସ । ପୂର୍ଣ୍ଣପ୍ରାଣରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟବୋଧତାକୁ ଗୁରୁତ୍ୱ ଦେଇ ଏହି ଦିନରେ ଆସନ୍ତୁ ଶପଥ ନେବା ନିଜ ଜନ୍ମଭୂମି ଓ ମାଆ ମାଟି ପ୍ରତି ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦିତ କରିବା ।



ନାରାୟଣ ଚନ୍ଦ୍ର ବିଶ୍ୱାଳ
କଟିକଟା, ମଙ୍ଗଳପୁର, ଯାଜପୁର,
ଦୂରଭାଷ : ୯୪୩୮୨୭୬୭୬୦

# ଆଧ୍ୟାତ୍ମିକ ଜୀବନ ପାଇଁ ସାଧନା

ମଣିଷ ଅନେକ ଦୈବୀପୁରୁଷ, ସାଧୁ ସନ୍ଥ ଓ ମୁନିଋଷିମାନଙ୍କ ଜୀବନୀ ଅଧ୍ୟୟନ କରୁଛି। ସେ ସବୁକୁ ଯଦି ନିଜର ମାନସିକ ସ୍ୱାସ୍ଥ୍ୟ ପାଇଁ ଗୋଟିଏ ଗୋଟିଏ ଟନିକ ହିସାବରେ ବ୍ୟବହାର କରାନାଯାଏ, ଜୀବନର ଦୁଃଖ ଦୁର୍ଦ୍ଦଶାକୁ ଲାଘବ କରିବାରେ ବ୍ୟବହାର କରାନଯାଏ, ସେସବୁ କେବଳ ଗୋଟିଏ ଗୋଟିଏ ଗଳ୍ପ ହୋଇ ରହିଯିବ। ଜ୍ଞାନୀମାନେ ଏହି ସବୁ ଜୀବନୀକୁ ଅନ୍ଧକାର ଭିତରେ ଗୋଟିଏ ଗୋଟିଏ ବତୀଘର ହିସାବରେ ଦେଖିଥାନ୍ତି।

ଶହ ଶହ ବର୍ଷର ନିଃସ୍ୱାର୍ଥପର, ବ୍ୟକ୍ତିଗତ ତଥା ସାମାଜିକ ସାଧନା ପ୍ରସ୍ତୁତ ଏହି ସବୁ ନୈତିକ ଆଚରଣ ବିଧିଗୁଡ଼ିକ ବର୍ତ୍ତମାନ ପୂର୍ଣ୍ଣମାତ୍ରାରେ ହତାଦୃତ ହୋଇ ପଡ଼ିଛି। ପୁଅ ବାପାର ସମ୍ପତ୍ତିରୁ ଭାଗ ନେବାକୁ ଦାବୀ କରୁଛି ମାତ୍ର ବାପାଙ୍କ ସ୍ନେହ ଶ୍ରଦ୍ଧାରୁ ଭାଗୀଦାର ହେବାକୁ ସେ ଚାହୁଁ ନାହିଁ। ବାପାମାଙ୍କ ଆଦେଶ ଓ ତାଙ୍କ ପ୍ରୟୋଜନ ପ୍ରତି ପୁଅ ତା' କାନ ବୁଜି ଦେଇଛି। ଶରୀର ନାମକ ଯେଉଁ ଯନ୍ତ୍ରଟିକୁ ବାପା ମା ଆମକୁ ଦେଇଛନ୍ତି, ତାହା ମାଧ୍ୟମରେ ଆମେ ପରମପଦ ପ୍ରାପ୍ତ ହୋଇ ପାରିବା, ପ୍ରତ୍ୟେକ ଜୀବର ସେବା କରି ଆମେ ଈଶ୍ୱରଙ୍କ ସେବା କରିପାରିବା, ସତ୍ୟ ଓ ସୌନ୍ଦର୍ଯ୍ୟ ରକ୍ଷା କରି ଭଗବାନଙ୍କୁ ମହିମାନ୍ୱିତ କରି ପାରିବା। ଏହି ଶରୀରକୁ ଲଗାଇ ଆମ୍ଭେମାନେ ନିଜ ନିଜକୁ ବନ୍ଧନ ମୁକ୍ତ କରି ପାରିବା। ତେଣୁ ପିଲାମାନେ ସଦା ସର୍ବଦା ବାପା ମା'ଙ୍କ ପ୍ରତି କୃତଜ୍ଞତା ଓ ସମ୍ମାନ ପ୍ରଦର୍ଶନ କରିବା ଉଚିତ।

ମୂଲ୍ୟବାନ ଅଳଙ୍କାରମାନ ରଖିବାକୁ ଗୋଟିଏ ଲୁହାର ସିନ୍ଧୁକ ବ୍ୟବହାର କରାଯାଇଥାଏ। ସେହିପରି ଏ ମଣିଷ ଦେହଟିକୁ ଅତି ମୂଲ୍ୟବାନ ଗୁଣାବଳୀ, ଶ୍ରଦ୍ଧା, ପ୍ରେମ, ବିଚାର ପ୍ରଭୃତି ରଖିବାରେ ବ୍ୟବହାର କର। ଏ ଅମୂଲ୍ୟ ଶରୀରଟିକୁ ବାପା ମା'ଙ୍କ ଠାରୁ ପାଇ ଥିବାରୁ ତାଙ୍କୁ କଥା, କର୍ମ ଓ ଆଚରଣରେ ସମ୍ମାନ ଦେଖାଅ। ଏ ଜାଗତିକ ବାପା ମାଆଙ୍କର ଯାହା ପ୍ରୟୋଜନ, ସେ ସବୁକୁ ଯଦି ତୁମେ ନ ଶୁଣୁଛ ତେବେ ତୁମର ଯାହା ଯାହା ପ୍ରାର୍ଥନା ସେ ସବୁକୁ ପରମ ପିତା କାହିଁକି ଶୁଣିବେ ? ଧର୍ମ ପାଳନର ପ୍ରଥମ ସୋପାନ ହେଉଛି କୃତଜ୍ଞତା। ପିତାମାତାଙ୍କୁ ଭକ୍ତି କରିବା ସନ୍ତାନର ପ୍ରଥମ ସୋପାନ ଯଦି ନାହିଁ, ତେବେ ଉର୍ଦ୍ଧ୍ୱଗତି ଅସମ୍ଭବ। ଆଉ ଗୋଟିଏ କଥା ଆଜିକାଲି ପିଲାଙ୍କର ଅଗ୍ରଗତି ପଥରେ ଗୋଟିଏ ବଡ଼ ପ୍ରତିବନ୍ଧକ ଭାବେ ଦେଖା ଯାଉଛି। ତାହା ହେଉଛି ଭଗବାନ ଓ ଧର୍ମ ପ୍ରତି ଯେଉଁ ଅସମ୍ମାନ ସେମାନେ ଶିକ୍ଷା ପାଉଛନ୍ତି।

କୋଦଣ୍ଡଧର ସାହୁ
ସୋଗର, ଢ଼େଙ୍କାନାଳ,
ଦୂରଭାଷ : ୯୯୩୮୫୯୩୬୮୩

ଗୋଟିଏ ଜ୍ୱଳନ୍ତ ଦୀପଶିଖାର ନିକଟବର୍ତ୍ତୀ ହେଲେ ଯେମିତି ସେ ଶିଖାର ଆଲୋକ ଆମର ସମସ୍ତଙ୍କୁ ଆଲୋକିତ କରେ, ଠିକ ସେମିତି ଭଗବାନଙ୍କ ପାଖକୁ ଯିବାକୁ ଆଗ୍ରହ କରିବା ମାତ୍ରେ ତାଙ୍କ କୃପାର ଆଲୋକ ଆମ୍ଭମାନଙ୍କୁ ଆଲୋକ ମଣ୍ଡିତ କରେ। ତୁମେ ଯଦି ଜାଣିଶୁଣି ମଝିରେ କିଛି ବାଧା ଉପୁଜାଇବ ଏବଂ ଭଗବାନଙ୍କ କୃପାଲୋକ ପାଇଲ ନାହିଁ ବୋଲି ନିନ୍ଦା କରିବ ତେବେ ତୁମେ କେବଳ ନିଜକୁ ହିଁ ନିନ୍ଦିବ। ହୃଦୟର ଦ୍ୱାର ଉନ୍ମୁକ୍ତ ରଖ, ତେବେ ଯାଇ ସୂର୍ଯ୍ୟ ତାହା ଭିତରକୁ ଆଲୋକିତ କରି, ଦୁର୍ଗୁଣ ଜୀବାଣୁକୁ ନଷ୍ଟ କରିପାରିବେ। ଏଇ କବାଟ ଖୋଲିବାର ଛୋଟ କାମଟିକୁ ତୁମକୁ ଆଗ କରିବାକୁ ପଡ଼ିବ। ସୂର୍ଯ୍ୟ କେବେ କାହା ଦ୍ୱାର ଖୋଲି ଘର ଭିତରକୁ ପଶିଯାନ୍ତି ନାହିଁ।


ବିଶ୍ୱାସ ରଖ, ସଂଗ୍ରାମ କର, କୃତକାର୍ଯ୍ୟ ହୁଅ। ସବୁ ଶାସ୍ତ୍ର ପୁରାଣ ଏଇ ବାର୍ତ୍ତା ଦିଅନ୍ତି। କିନ୍ତୁ ଏହି ଶାସ୍ତ୍ର ବାଣୀଗୁଡ଼ିକ, ଶାସ୍ତ୍ର ଧରିଥିବା ଲୋକଙ୍କ ଦ୍ୱାରା ପାଳିତ ହେଉନାହିଁ। ଏଗୁଡ଼ିକରୁ ଦ୍ୱନ୍ଦ୍ୱ ଓ ସନ୍ଦେହ ସୃଷ୍ଟି କରିବା ଉଦ୍ଦେଶ୍ୟରେ କେହି କେହି ତାକୁ ପଢ଼ନ୍ତି, କେହି କେହି ନିଜର ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ ପଢ଼ନ୍ତି, ନଚେତ ଅନ୍ୟ କେତେକଙ୍କ ଭଳି କେହି କେହି ଏଗୁଡ଼ିକୁ ଅତୀତର ସ୍ମୃତି ହିସାବରେ ଧୂପ ଚନ୍ଦନ ଦେଇ ପୂଜନ୍ତି। ଦୈନନ୍ଦିନ ଜୀବନର ପଥ ପ୍ରଦର୍ଶକ ହିସାବରେ ଖୁବ କମ ଲୋକ ଏହାକୁ ଗ୍ରହଣ କରିଥାନ୍ତି।

ରାମାୟଣ ମହାଭାରତ ଓ ଭାଗବତକୁ ମୁଖସ୍ଥ କରି ଦେଲେ ମଧ୍ୟ ତଦ୍ୱାରା ସାମାନ୍ୟ ମାତ୍ର ପ୍ରଭାବିତ ହେଲ ନାହିଁ ତା'ଭିତରେ କ'ଣ ଅଛି ତୁମେ ଜାଣିଲ, କିନ୍ତୁ ନିଜ ଭିତରେ କ'ଣ ଅଛି ଜାଣିଲ ନାହିଁ। ପୁରାଣ ଗୁଡ଼ିକୁ ରେଶମ କନାରେ ବାନ୍ଧି, ତା ସାମ୍ନାରେ ଧୂପ ଦେଇ, ମଣିଷ ତାକୁ ସାଷ୍ଟାଙ୍ଗ ପ୍ରଣିପାତ କରେ। କିନ୍ତୁ ତାହାର ପୃଷ୍ଠା ଗୁଡ଼ିକ କ'ଣ କହନ୍ତି ସେ କଥା ଜାଣିବାକୁ କୌଣସି ଚେଷ୍ଟା କରେନାହିଁ। ଶାସ୍ତ୍ରୋକ୍ତ ସତ୍ୟ ଗୁଡ଼ିକ ଅପେକ୍ଷା କ୍ଷଣିକ ଆନନ୍ଦ ଦେଉଥିବା ଅଳିକ ବସ୍ତୁମାନେ ମନକୁ ବେଶୀ ଆକର୍ଷଣ କରୁଛନ୍ତି।

# ଭାରତ ଯୌଥ ପରିବାର ଓ ଜ୍ୟେଷ୍ଠ, ଶ୍ରେଷ୍ଠମାନଙ୍କୁ ନମସ୍କାର

ଭାରତୀୟ ସଂସ୍କୃତିରେ ଏକ ମୂଲ୍ୟବାନ ଉପଦେଶ ରହିଆସିଛି, ତାହା ହେଲା ଜ୍ୟେଷ୍ଠାୟ ନମଃ, ଶ୍ରେଷ୍ଠାୟ ନମଃ। ଜ୍ୟେଷ୍ଠ ମାନଙ୍କୁ, ଶ୍ରେଷ୍ଠମାନଙ୍କୁ ନମସ୍କାର। ଯେତେବେଳେ ଯୌଥ ପରିବାରର ସଂସ୍କୃତି ପ୍ରଚଳିତ ଥିଲା ସେତେବେଳେ ଜ୍ୟେଷ୍ଠ ମାନଙ୍କୁ ଜ୍ଞାନ, ଅଭିଜ୍ଞତା ଓ ପ୍ରଜ୍ଞାର ଭଣ୍ଡାର ବୋଲି କନିଷ୍ଠମାନେ ବିଚାର କରୁଥିଲେ। ବାପା, ମାଆ, ବଞ୍ଚିଥିବା ବେଳେ ପୁଅମାନେ ଯେତେ ବୟସ୍କ ହୁଅନ୍ତୁ ନା କାହିଁକି ସବୁବେଳେ ଭାବୁଥିଲେ ଯେ ସେମାନେ ତରୁଣ ଓ ସ୍ୱପ୍ନଶୀଳ। କୌଣସି କଥାରେ ସେମାନଙ୍କର ଖାତିର ନଥାଏ କି ଭୟ ନଥାଏ। କାରଣ ତାଙ୍କ ଉପରେ ଛତା ଭଳି ବାପା, ମାଆ ଜଗିଛନ୍ତି। ଗୋଟିଏ ଗୋଟିଏ ଯୌଥ ପରିବାରରେ ଏକାଥରକେ ତିନି/ଚାରି ପୁରୁଷ ଲୋକ ଗୋଟିଏ ଜାଗାରେ ରହୁଥିଲେ। ଯେହେତୁ ବାପା, ମାଆ ଘରେ ଅଛନ୍ତି ତେଣୁ ସେମାନେ ଘର ପ୍ରତି ସେତେ ଯତ୍ନଶୀଳ ହେଉନଥିଲେ। କାଳକ୍ରମେ ଯୌଥ ପରିବାର ଭାଙ୍ଗିବାକୁ ଲାଗିଲା। ଭଉଣୀମାନେ ବାହାହୋଇ ଚାଲିଗଲେ, ଭାଇମାନେ ବିବାହ ହେଲା ପରେ ଭିନ୍ନ ଭିନ୍ନ ହୋଇ ନିଜ ନିଜ ସଂସାର ତୋଳିଲେ। ପ୍ରଶ୍ନ ଉଠିଲା ତେବେ ବାପା, ମାଆ ରହିବେ କେଉଁଠି ? ତେଣୁ ପାଳିକରି ବାପା, ମାଆଙ୍କୁ ଭାଇମାନେ ରଖିବା ଆରମ୍ଭ କଲେ। ପରିବାର ଆହୁରି ଛୋଟ ହୋଇ ଅଣପରିବାରରେ ପରିଣତ ହେଲା। ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅ ବା ପୁଅଟି ଆଉ ଝିଅଟିଏ। ତେଣୁ ବୃଦ୍ଧ ପିତା ମାତାଙ୍କ ସମସ୍ୟା ଆହୁରି ବଢ଼ିଲା। ଯେଉଁ ବାପା ଦିନେ ରୋଜଗାରର ମୁଖ୍ୟ ଥିଲେ, ଘରର ମୁଖିଆ ଥିଲେ ବାର୍ଦ୍ଧକ୍ୟଜନିତ କାରଣରୁ ସେହି ସ୍ଥାନରୁ ସେ ଖସି ଆସି ପୁଅ ଉପରେ ସବୁ କଥାରେ ନିର୍ଭରଶୀଳ ହେଲେ। କ୍ୱଚିତ୍ ପରିବାରରେ ପୁଅର ନିଷ୍ପତ୍ତି କ୍ରମେ ଘର ଚାଲେ। ଅନ୍ୟ କ୍ଷେତ୍ରରେ ସ୍ତ୍ରୀମାନେ ହିଁ ରୋଜଗାର ଥାଉକି ନଥାଉ, ଘରର ମଙ୍ଗୁଆଳ ସାଜିଲେ। ତାଙ୍କ କଥାକୁ ସ୍ୱାମୀ ଯଦି ସାମାନ୍ୟତମ ବ୍ୟତିକ୍ରମ ଘଟାନ୍ତି ତେବେ କଥା ସରିଗଲା। ଅଶାନ୍ତିର ବହ୍ନିରେ ଘର ଜଳିଉଠେ। ପରିଶେଷରେ ରାଗ ସୁଝାଯାଏ ବୃଦ୍ଧ ବାପା, ମାଆଙ୍କ ଉପରେ। ଖାଦ୍ୟପେୟ, ବାର୍ଦ୍ଧକ୍ୟଜନିତ ରୋଗର ଉପଶମରେ ଅବହେଳା, କଟୁକ୍ତି, କଟାକ୍ଷ ସମେତ ଶାରୀରିକ ନିର୍ଯାତନା ଆଦି କୌଶଳ ଅବଲମ୍ବନ କରି ସେମାନଙ୍କୁ ଅପେକ୍ଷା କରାଯାଏ। ଯେଉଁ ଘର ନିଅଜ ଅର୍ଥବଳ ଓ ବାହୁବଳରେ ବାପା, ମାଆ, ତିଆରି କରିଥିଲେ ପ୍ରଚୁର ଅର୍ଥ ବ୍ୟୟକରି ପିଲାମାନଙ୍କୁ ବହୁ ଯତ୍ନ ସହକାରେ ପାଠ ପଢ଼ାଇ ମଣିଷ କରାଇଥିଲେ ସେହି ଘରେ ସେମାନେ ଅଲୋଡ଼ା ହୋଇପଡ଼ନ୍ତି। ଅଧିକାଂଶ ସ୍ଥାନରେ ଏସବୁ ଦେଖି ସହି ନପାରୁଥିବା ପୁଅଟି ଚୁପହୋଇ ରହିବାକୁ ବାଧ ହୁଏ। ଯେଉଁ ଦାଣ୍ଡ ଦୁଆରେ ବାପାଘର ଜଗିବା ପାଇଁ କୁକୁର ବାନ୍ଧୁଥିଲେ ସେହି ଦୁଆରେ ଆରମ ଚୌକି ଖଣ୍ଡିଏ ପକେଇଦେଇ ବାପାଙ୍କୁ ବସେଇ ଦିଆଯାଏ। ବାପା ଦିଶନ୍ତି ସେତେଯେପରି ଏକ ପ୍ରଶ୍ନବାଚୀ ଚିହ୍ନ ପରି। କଥାବାର୍ତ୍ତା ଖୁବ୍ କମ୍, ଦିନରେ ଅସୁମାରୀ ସ୍ମୃତିଚାରଣ, ସଫଳତା ଓ ବିଫଳତାର ହିସାବ ଆଉ ମୃତ୍ୟୁକୁ ଅପେକ୍ଷା। ଘରେ ମା'ବୁଢ଼ୀ ସତେକି ଗୋଟିଏ ସୋଫା ସେଟ, ଗୋଟେ ଫ୍ରିଜ୍ ଗୋଟେ ପୁରୁଣା ଢ଼ବଲ ବା କୌଣସି ଅବ୍ୟବହୃତ ଆସବାବ ପରି ଘରର ଗୋଟିଏ କଣରେ ପଡ଼ି ରହିଥାନ୍ତି।

ତେଣୁ ବାର୍ଦ୍ଧକ୍ୟ ଏକ ଅଭିଶାପ ନା ଏକ ଆଶିର୍ବାଦ ? ଏ ପ୍ରଶ୍ନ ଅନେକଙ୍କୁ ଅନେକ ସମୟରେ ଘାରିଥାଏ। କିନ୍ତୁ ବାର୍ଦ୍ଧକ୍ୟ ଯେ ଅନିର୍ବାର୍ଯ୍ୟ ତାହାକୁ ଆମେ ସ୍ୱୀକାର କରିବାକୁ ପଡ଼ିବ। ଖାଲି ବାର୍ଦ୍ଧକ୍ୟ ନୁହେଁ, ବାର୍ଦ୍ଧକ୍ୟ ସହିତ ନିର୍ଜନତା, ରୋଗ ବୈରାଗ୍ୟ, ସାମାଜିକ, ବିଚ୍ଛିନ୍ନତା, ଅନ୍ୟାଶ୍ରିତ ଅବସ୍ଥା ଓ ସର୍ବୋପରି ସ୍ମୃତି ଦହନର ଜ୍ୱାଳା ପାରିବାରିକ ଅବହେଳା ଆଦି ସହିବାକୁ ପଡ଼ିବ। ଯଦି ସନ୍ତାନମାନେ ନିଜକୁ କିଛି ପ୍ରଶ୍ନ ପଚାରନ୍ତେ, ତେବେ ଏ ସମସ୍ୟା ଅନେକାଂଶରେ ସମାଧିକ ନହେଲେ ମଧ୍ୟ ବୃଦ୍ଧ ପିତାମାତାଙ୍କୁ ସାନ୍ତ୍ୱନା ଦେବାରେ ସହାୟକ ହୁଅନ୍ତା। ତାହା ହେଲା ଆମେ କାହିଁକି ଭୁଲିଯାଉଛୁ ଯେ ଆମେ ଯଦି ଏ ସଂସାରରେ ଏପରି ବଞ୍ଚିଛୁ ତାହାରି ମୂଳରେ ଆମ ପିତାମାତା। କାହିଁକି ଆମେ ଭୁଲିଯାଉଛୁ ଆମେ ଯଦି ଆଜି ଉଚ୍ଚ ଶିକ୍ଷିତ ହେଇଛୁ ତାହାରି ପଛରେ କେବଳ ବାପ ମାଆ। କାହିଁକି ଆମେ ଭୁଲି ଯାଉଛୁ ଯେ ଆମର ସମସ୍ତ ରୋଗ ବୈରାଗ୍ୟରୁ ଆମକୁ ମୁକ୍ତ କରି ଏ ସଂସାରରେ ବଞ୍ଚାଇଛନ୍ତି ସେମାନେ ହେଲେ ଆମର ବାପା ମାଆ। ଆମକୁ ଯଦି ପ୍ରଥମେ ହାତ ଧରି କିଏ ଚାଲି ଶିଖେଇଛନ୍ତି, ପାଟିରେ ଦାନା ଦେବା ଶିଖେଇଛନ୍ତି ସିଏ ହେଲେ ଆମ ବାପାମାଆ। ପିଲା ଥିଲାବେଳେ ସିନା ଜାଣିପାରୁ ନଥିଲୁ, କିନ୍ତୁ ଏବେ ଯେତେବଳେ ସମୟ ଆସିଛି, ଜାଣିପାରୁଛୁ ସେତେବେଳେ ସେମାନଙ୍କ ଠାରୁ ପାଇଥିବା ନିସ୍ୱାର୍ଥପର ସ୍ନେହ, ଶ୍ରଦ୍ଧା, ଆଦର ଓ ଯତ୍ନକୁ ଫେରାଇବା ତ ସମ୍ଭବପର ନୁହେଁ, ତାହାର ପ୍ରତିବଦଳରେ କିଞ୍ଚିତ ଯଦି ଫେରାଇପାରନ୍ତେ ତାହା ସେମାନଙ୍କ ପାଇଁ ବହୁ ଆଶ୍ୱାସନାର କଥା ହୋଇପାରନ୍ତା। କିନ୍ତୁ ଏକଥା ସେମାନଙ୍କୁ ମାନିବାକୁ ପଡ଼ିବ ଯେ ପିଲାମାନେ ପଚାରନ୍ତୁ ବା ନପଚାରନ୍ତୁ ବାପା ମାଆଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେମାନେ ସନ୍ତାନମାନଙ୍କୁ ମଙ୍ଗଳ ହିଁ ମଙ୍ଗଳ କାମନା କରନ୍ତି। ତେଣୁ ବୃଦ୍ଧ ପିତାମାତାଙ୍କୁ ବୋଝ ବୋଲି ବିଚାର ନକରି ଜୀବନରେ ଆଶାର ଝଲକ ବୋଲି ଭାବିଲେ ଉଭୟ ପକ୍ଷର ମଙ୍ଗଳ ହୁଅନ୍ତା। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଆଜି ଅଧିକାଂଶ ସ୍ଥଳରେ ତାହା ଘଟୁନାହିଁ। ଏକ ତଥ୍ୟ ଅନୁସାରେ ଭାରତରେ ୧୦ଟି ବୃଦ୍ଧ ଦମ୍ପତ୍ତିଙ୍କ ମଧ୍ୟରୁ ୬ଟି ଦମ୍ପତ୍ତି ଗୃହ ଛାଡ଼ି ପଳାଇଯିବା ପାଇଁ ପିଲାମାନଙ୍କ ଦ୍ୱାରା ବାଧ ହୋଇଥାନ୍ତି। କେଉଁଠି ରହିବାକୁ ସ୍ଥାନ ନପାଇ, ସବୁ ଆଶା ହରାଇ ଶେଷରେ ସେମାନେ ଜରାଶ୍ରମରେ ରହିବାକୁ ବାଧ ହୁଅନ୍ତି ଯେଉଁଠି ସେମାନେ ତାଙ୍କର ଯୌବନାବସ୍ଥାରେ ପାଇଥିବା ସମସ୍ତ ପାରିବାରିକ ସୁଖ ଓ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ନାତି-ନାତୁଣୀ, ପୁଅ-ବୋହୂ ଓ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଠାରୁ ଯେତେବେଳେ ସେମାନେ ସ୍ନେହ, ଶ୍ରଦ୍ଧା ଓ ଯତ୍ନ ଆବଶ୍ୟକ କରିଥାନ୍ତି ସେତେବେଳେ ସେମାନେ ଜରାଶ୍ରମରୁ ସେଥିରୁ ବଞ୍ଚିତ ହୋଇ ଏକ ନିଃସଙ୍ଗ ପ୍ରାଣୀ ପରି ଜୀବନ ବିତାଇବାକୁ ବାଧ ହୁଅନ୍ତି। ସବୁକିଛି ଥାଇ ସୁଦ୍ଧା ସବୁଥିରୁ ବଞ୍ଚିତ ହେବା ଅବସ୍ଥା ସେମାନଙ୍କୁ ଏକ ଦୁଃସ୍ୱପ୍ନ ପରି ଲାଗେ। ସେମାନଙ୍କ ପାଇଁ ଅତୀତ ଯେ ମରେନା, ଦହନ ଯେ ସରେନା। ଏବେ ଭାରତରେ ୮କୋଟି ୧ଲକ୍ଷ ବୃଦ୍ଧ ଦମ୍ପତ୍ତି ବସବାସ କରୁଛନ୍ତି। ସେଥିରୁ ଶତକଡ଼ା ୪୦ଭାଗ ବରିଷ୍ଠ ନାଗରିକ ପରିବାର ଭିତରେ ରହି ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି। ଯଦିଓ ସରକାର ଏଥିନିମନ୍ତେ ବରିଷ୍ଠ ନାଗରିକମାନଙ୍କର ସେବା ଓ ସୁରକ୍ଷା ନାମକ ଏକ ନିର୍ଦ୍ଦିଷ୍ଟ ଆଇନ ପ୍ରବର୍ତ୍ତନ କରିଛନ୍ତି ତଥାପି ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଏ ସମସ୍ୟା ଯେ ଆଗକୁ ଆହୁରି ବଢ଼ିବ ଏକଥା ଚିନ୍ତା କରିବା ବେଳକୁ ମନ ଭିତରେ ଗଭୀର ଉଦ୍‌ବେଗଜନକ ସୃଷ୍ଟି ହେଉଛି। ପିଲାମାନେ ଭାବିବା କଥା ଯେ ସେମାନେ ବି ଦିନେ ଏଭଳି ସ୍ଥିତିରେ ଉପନୀତ ହେବେ। ସେତେବେଳକୁ.... ?



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩

# ରଘୁନାଥପୁର କଲରାବାଙ୍କରେ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ




**ରଘୁନାଥପୁର(ସଂପର୍କବାର୍ତ୍ତା):-** ନେହେରୁ ଯୁବକେନ୍ଦ୍ର ସଂଗଠନ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ଦ୍ୱାରା ଭାରତର ପ୍ରଥମ ସ୍ମାର୍ଟ ଗ୍ରାମ କଲରାବାଙ୍କରେ ୨୫୦ ଜଣ ଝାଡଖଣ୍ଡ ଓ ଛତିଶିଗଡରୁ ଆଦିବାସୀ ଯୁବକ ଯୁବତୀ କ୍ଷେତ୍ର ପ୍ରଦର୍ଶନୀ କରିଥିଲେ। ସ୍ମାର୍ଟ ଗ୍ରାମ କଲରାବାଙ୍କରେ ଥିବା ଡାକ୍ତରଖାନା, ବିଦ୍ୟାଳୟ, ପୋଷ୍ଟ ଅଫିସ ଓ ମନ୍ଦିର ବୁଲିବା ସହିତ ଗ୍ରାମବାସୀମାନଙ୍କ ସହମତ ବିନିମୟ କରିଥିଲେ। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ନେହେରୁ ଯୁବକେନ୍ଦ୍ର କଟକର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ମାର୍ଟ ଗ୍ରାମ କଲରାବାଙ୍କର ମୁଖ୍ୟପୁରୋଧା ତଥା କାଦମ୍ବିନୀ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ ଯୋଗଦେଇ ଅଖ୍ୟାତ ପଲ୍ଲୀ କଲରାବାଙ୍କ ଗ୍ରାମର ବରପୁତ୍ର କନ୍ଧମାଳ ସାଂସଦ ତଥା କିଟ୍, କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଆଜି ଭାରତରେ ପ୍ରଥମ ସ୍ମାର୍ଟ ଗ୍ରାମ ଭାବେ ଗଢି ତୋଳିଛନ୍ତି। ଯେଉଁ ସ୍ମାର୍ଟ ଗ୍ରାମକୁ ଭାରତର ବିଭିନ୍ନ ରାଜ୍ୟରୁ ଶିକ୍ଷାବିତ୍, ବୁଦ୍ଧିଜୀବି, ମନ୍ତ୍ରୀ, ସାଂସଦମାନେ ଏହି ଗ୍ରାମକୁ ପରିଦର୍ଶନରେ ଆସୁଛନ୍ତି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓଡିଶାର ଆଂଚଳିକ ନିର୍ଦ୍ଦେଶକା ରିତା ଭଗତ୍, ସମ୍ମାନୀତ ଅତିଥି ଭାବେ ଉପନିର୍ଦ୍ଦେଶକ ବିମଳ ପାତ୍ରିକ ସାହା ପ୍ରମୁଖ ଯୋଗଦାନ କରି ଗ୍ରାମାଂଚଳ ଗ୍ରାମର ବିକାଶରେ ଯୁବ ଗୋଷ୍ଠୀର ଭୂମିକା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ପରିବାର ଦାରିଦ୍ର୍ୟ ଭିତରେ ଥାଇ କିପରି ଆଜି ବିଶ୍ୱ ବିଖ୍ୟାତ ହୋଇପାରିଲେ ଏ ବିଷୟରେ ମତ ସାବ୍ୟସ୍ତ କରିଥିଲେ। ଏହି ଅବସରରେ ଗ୍ରାମରେ ଥିବା କ୍ଲବ ଓ ମହିଳା ସମିତିକୁ କ୍ରୀଡା ଉପକରଣ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୈଳାଶ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବା ବେଳେ ବସନ୍ତ କୁମାର ମିଶ୍ର ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ସହଯୋଗ କରିଥିଲେ।

# ଭୁବନେଶ୍ୱରରେ ଗଡିବ ଇ-ବସ୍ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଖୁବଶୀଘ୍ର ଭୁବନେଶ୍ୱରରେ ଇଲେକ୍ଟ୍ରିକ୍ ବସ୍ ଗଡିବ। ବସ୍ ପାଇଁ କ୍ଯୁଟ୍ ତିଆରି କରିବାକୁ ଯାଉଛି ଚାର୍ଜଂଷ୍ଟେସନ୍। ପ୍ରଥମେ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ ୫ଟି ବସ୍ ଗଡିବ। ଏହି ୫ଟି ବସ୍ ପାଇଁ ୩ଟି ଚାର୍ଜିଂଷ୍ଟେସନ୍ ନିର୍ମାଣ କରାଯିବ।




ଏଥିପାଇଁ ଖୁବ୍‌ଶୀଘ୍ର ଟେଣ୍ଡର୍ ଡକାଯିବ ବୋଲି ଜଣାପଡିଛି। କ୍ରମାଗତ ଭାବେ ରାଜଧାନୀର ତାପମାତ୍ରା ବୃଦ୍ଧି ପାଇବା ସହ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ଏହି ଇ-ବସ୍ ରାଜଧାନୀ ପରିବେଶ ଅନୁକୂଳ ହେବ। ପରୀକ୍ଷାମୂଳକ ଭାବେ ଚାଲିବାକୁ ଥିବା ଏହି ବସ୍ ସଫଳ ହେଲେ ଆଗାମି ଦିନରେ ବସ୍ ସଂଖ୍ୟା ବଢିବା ପରେ ସେହି ଅନୁପାତରେ ଚାର୍ଜିଂଷ୍ଟେସନ୍ ମଧ ନିର୍ମାଣ କରାଯିବ ବୋଲି କୁହାଯାଇଛି। ୨୦୨୦ମସିହାରେ ଏହି ଇ-ବସ୍ ଚଳାଇବା ପାଇଁ ଯୋଜନା ହୋଇଥିଲେ ମଧ କରୋନା ସଂକ୍ରମଣ ପାଇଁ ଯୋଜନାକୁ ସ୍ଥଗିତ ରଖାଯାଇଥିଲେ। ଏବେ କଟକଣା କୋହଳ ହେବା ପରେ ଏହାକୁ ପୁଣିଥରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ ଇ-ବସ୍ ଚଳାଇବାକୁ କ୍ଯୁଟ୍ ଯୋଜନା କରିବା ପରେ ୨୦୧୯ମସିହାରେ କ୍ଯୁଟ୍ ୩ଟି ଇ-ବସ୍ ନିର୍ମାଣକାରୀ ସଂସ୍ଥାକୁ ଭୁବନେଶ୍ୱର ଡାକିଥିଲା ସଂସ୍ଥାମାନେ ଭୁବନେଶ୍ୱରରେ ଏହି ଇ-ବସ୍ରେ ଡେମୋ ଦେଖାଇଥିଲେ। ନଭେମ୍ବର ମାସରେ ଏକ ଇ-ବସ୍ ୨୦ନମ୍ବର ରୁଟ୍ ରେ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ବାଣୀବିହାର ଦେଇ ଖୋର୍ଦ୍ଧା ଯାଇଥିଲା ହେଲେ ପରେ କରେକାନା ଯୋଗୁଁ ଯୋଜନା ଆଉ ଆଗେଇ ପାରି ନଥିଲା ବସ୍ ଫେରିଯିବା ସହ ଯୋଜନା କଥା କ୍ଯୁଟ୍ ଭୁଲି ଯାଇଥିଲ। କଟକଣା କୋହଳ ହେଲେ ଏହି ବସ୍ ଚଳାଚଳ କରିବା ନେଇ ଯୋଜନା ଥିଲା ହେଲେ ପଛକୁ ପଛ କରୋନାର ଦ୍ୱିତୀୟ ଓ ପରେ ତୃତୀୟ ଲହର ଆସିବା ଯୋଗୁଁ ୨ବର୍ଷ ଗଡି ଯାଇଥିଲା ଏବେ ୫ଟି ବସ୍ ପରୀକ୍ଷାମୂଳକ ଭାବେ ଗଡିବାକୁ ଯୋଜନା ହୋଇଛି। ପ୍ରଥମେ ଚାର୍ଜିଂଷ୍ଟେସନ୍ ପ୍ରସ୍ତୁତ ହେବା ପରେ ବସ୍ ଅଣାଯିବ। ଯେଉଁ ୫ଟିବସ୍ ଆସିବାକୁ ରହିଛି, ସେଥିରେ ପ୍ରତି ସିଟ୍ ରେ ୟୁଏସ୍‌ବି ଚାର୍ଜିଂ ପଏଣ୍ଟ ଜରୁରୀକାଳୀନ ରହିଣି ଶୀତତାପ ନିୟନ୍ତ୍ରଣ ସିସିଟିଭି କ୍ୟାମେରା ସୁବିଧା ଉପଲବ୍ଧ ରହିଛି। ଏହି ବସ୍ ଶବ୍ଦ ଓ ବାୟୁ ପ୍ରଦୂଷଣମୁକ୍ତ ରାଜଧାନୀରେ ୨ଶହ ଡିଜେଲ୍ ଚାଳିତ ଗାଡି ବନ୍ଦ ହୋଇ ଇ ବସ୍ ଚାଲିଲେ ୩୦ପ୍ରତିଶତରୁ ଅଧିକ ପ୍ରଦୂଷଣ କମିପାରିବେ ବୋଲି ପରିବେଶ୍‌ବିତ୍‌ମାନେ ଆକଳନ କରିଛନ୍ତି। ସେଥିପାଇଁ କ୍ଯୁଟ୍ ଇ-ବସ୍ କୁ ପ୍ରାଥମିକତା ଦେଇଛି।

# 'ସୋଆ' ଏସ୍‌ଏଚ୍‌ଏମ୍‌ରେ ପଖାଳ ଉତ୍ସବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶାର ପାରମ୍ପରିକ ଖାଦ୍ୟ ତଥା ଓଡିଆଙ୍କ ପ୍ରାଣ ପଖାଳର ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ ଠାରେ ଏପ୍ରିଲ୍ ୧ତାରିଖ ଦିନ ପଖାଳ ଉତ୍ସବ ଆରମ୍ଭ ହୋଇଛି। ୬ଦିନ ବ୍ୟାପି ଚାଲିବାକୁ ଥିବା ଏହି ପଖାଳ ଉତ୍ସବକୁ ସୋଆର ଉପସଭାପତି ଶାଶ୍ୱତୀ ଦାସ ଶୁଭାରମ୍ଭ କରିଛନ୍ତି। ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀ, ଫାକଲ୍ଟି ଓ ଅନ୍ୟାନ୍ୟ କର୍ମକର୍ତାଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ଉଦ୍ୟମ ଦ୍ୱାରା ପ୍ରତ୍ୟେକ ଓଡିଆଙ୍କ ଘରେ ଏହାକୁ ଆଦୃତ କରାଇବାର ଉଦ୍ଦେଶ୍ୟ ରହିଛି ଉତ୍କଳ ଦିବସ ଅବସରରେ ଏହି ଉତ୍ସବର ଶୁଭାରମ୍ଭ କରି ଶ୍ରୀମତି ଦାସ ଏହାକୁ ଏକ ଅଭିନବ ପ୍ରୟାସ ବୋଲି କହିଛନ୍ତି। ବିଶ୍ୱ ଦରବାରରେ ପଖାଳ ଓଡିଆଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ଏହା ଦ୍ୱାରା ଓଡିଆଙ୍କ ଅସ୍ମିତା ଅଧିକ ସୁଦୃଢ ହେଉଛି ବୋଲି ସେ କହିଛନ୍ତି।



ପଖାଳ ଉତ୍ସବ ପରିପ୍ରେକ୍ଷୀ ରେ ଗ୍ରାମାଂଚଳରେ ଛାପ ସୃଷ୍ଟି କରାଯିବା ସହ କୁତ୍ରିମ ପୋଖରୀ , କୂଅ , ବିଭିନ୍ନ ପ୍ରକାର ପରିବା ଚାଷ ଓ୍ ଗ୍ରାମଦେବୀଙ୍କ ମୂର୍ତ୍ତିର ପୂଜାର୍ଚ୍ଚନା ଭଳି ଛାତ୍ରଛାତ୍ରୀମାନଙ୍କ ପ୍ରୟାସରେ ଏକ ପରିବେଶ ସୃଷ୍ଟି କରାଯାଇଥିବା ବେଳେ ଏହାକୁ ଦାସ ପ୍ରଶଂସା କରିଛନ୍ତି। ସେହିପରି ପଖାଖ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇ ଏସ୍‌ଏଚ୍‌ଏମ୍‌ର ଉପଦେଷ୍ଟା ତଥା ଡିନ୍ ପ୍ରଫେସର ଶିତିକଣ୍ଠ ମିଶ୍ର କହିଥିଲେ ଯେ ଓଡିଆଙ୍କ ପ୍ରାଣ ହେଉଛି ପଖାଳ କଂସା ପଖାଳ ଦ୍ୱାରା ଅଂଶୁଘାତ ଓ ଚର୍ମ ରୋଗ ଭଳି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇଥାଏ। ଗରିବ ହୁଅନ୍ତୁ କି ଧନୀ ସବୁ ଓଡିଆଙ୍କର ପ୍ରିୟ ହେଉଛି ପଖାଳ। ୭ବର୍ଷ ଧରି ପଖାଳ ଉତ୍ସାବ ଏସ୍‌ଏଚ୍‌ଏମ୍‌ରେ ପାଳନ ହୋଇଆସୁଥିବା ବେଳେ ଗତ ୨ବର୍ଷ ହେବ କୋଭିଡ ମହାମାରୀ ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲେ। ଆଗକୁ ଏହି ଉତ୍ସାବ ମହୋତ୍ସବର ରୂପ ନେବ ବୋଲି ପ୍ରଫେସର ମିଶ୍ର ଆଶା ବ୍ୟକ୍ତ କରିଛନ୍ତି। ଏହି ପଖାଳ ଉତ୍ସବରେ ଅତିଥିମାନଙ୍କୁ ଉଷୁନା ପଖାଳ, ଅରୁଆ ପଖାଳ , ଦହି ପଖାଳ , ଅଦା ପଖାଳ ଛୁଙ୍କ ପଖାଳ ଏବଂ ଲେମ୍ବୁ ପଖାଳ ପ୍ରଭୃତି ପରଷା ଯାଉଛି । ସେହିପରି ପଖାଳ ଭାତରୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଆମିଷ ଓ ନିରାମିଷ ବ୍ୟଞ୍ଜନ ଯେପରିକି –ମାଛ ପତ୍ରପୋଡା ଚିଙ୍ଗୁଡି ଛେଚା , ଖଇଙ୍ଗା ଶୁଖୁଆ ଭଜା ଛତୁ ପତ୍ରପୋଡା ଆଳୁ ଭଜା, ବାଇଗଣ ଭରତା , ଗୋଟା କଲରା ଭଜା କଖାରୁ ଫୁଲ ପିଠଉ , ଶାଗ ବଡିଭଜା ପୋଡା ଟମାଟ ଚଟଣୀ ଆଳୁ ସଜନା ଛୁଇଁ ବେସର, ଭେଣ୍ଡିଭଜା ଓ ବଡିଚୁରା ପ୍ରଭୃତି ପରିବେଷଣ କରାଯାଉଛି। ଅତିଥିମାନଙ୍କୁ ଏସ୍‌ଏଚ୍‌ଏମ୍‌ରେ ରେଷ୍ଟୁରାଂଟ ପରିସରରେ ୬ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ପଖାଳ ଉତ୍ସବରେ ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପଖାଳ ପରସା ଯିବ। ଓଡିଶାର ଜନସାଧାରଣଙ୍କ ଖାଦ୍ୟ ରୁଚିକୁ ଲକ୍ଷ୍ୟ କରି ମିଠା ପାନ ମଧ ପରିବେଷଣ କରାଯାଉଛି।

# ପୁରୀରେ ନିଶା ବେପାରୀଙ୍କ ଘରୁ କୋଟିଏ ଟଙ୍କାର ସମ୍ପତ୍ତି ଜବତ !




**ପୁରୀ(ସଂପର୍କବାର୍ତ୍ତା):-** ପୁରୀ ଜିଲ୍ଲାରେ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ଧରପଗଡ । ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ୧କେଜି ୩୯୨ଗ୍ରାମ ବ୍ରଉନ ସୁଗାର ଜବତ କରିଥିବା ବେଳେ ୨୧ଜଣ ଅପରାଧୀଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି ପୋଲିସ। ତେବେ କୁଖ୍ୟାତି ନିଶାକୁଖ୍ୟାତ ନିଶା ବେପାରୀ ଅନିରୁଦ୍ଧ ଜୟସିଂ ଓରଫ ଅନୁକୁ ଗତ ଜାନୁଆରୀରେ ଗିରଫ କରିଥିବା ବେଳେ ନିଶା ବେପାରରୁ ଅର୍ଜିଥିବା ୧କୋଟି ଅଧିକ ମୂଲ୍ୟର ସମ୍ପତି ଜବତ କରିଛି । ଅନିରୁଦ୍ଧଙ୍କଠାରୁ ଠାରୁ ପୋଲିସ ୨ଟି ଜେସିବି, ୧ଟା ଟ୍ରାକ୍ଟର ସମେତ ସୁନାରୁପା ଅଲଙ୍କାର ଜବତ କରିଛି। ଅନୁ ନାମରେ ପୂର୍ବରୁ ନିଶା କାରବାର ନେଇ ବିଭିନ୍ନ ଥାନାରେ ଅନ୍ୟ ୪ଟି ମାମଲା ରହିଥିବା ଜଣାପଡିଛି।

# ସୋୟାବିନ୍ ତରକାରୀ ଖାଇ ୧୨ ଛାତ୍ରଛାତ୍ରୀ ଅସୁସ୍ଥ

**ନୀଳଗିରି(ସଂପର୍କବାର୍ତ୍ତା):-** ସୋୟାବିନ୍ ତରକାରୀ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ବାଲେଶ୍ୱର ଜିଲ୍ଲା ନୀଳଗିରି-ସାଇଗଣେଷ ଟିଉଟରିଆଲରେ ନିମ୍ନମାନର ଖାଦ୍ୟ ଖାଇ ୧୨ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସୋୟାବିନ୍ ତରକାରୀ ଖାଇବା ପରେ ଛାତ୍ରଛାତ୍ରୀମାନେ ଅସୁସ୍ଥ ହୋଇ ପଡିଥିଲେ । ସମସ୍ତ ଅସୁସ୍ଥଙ୍କୁ ନୀଳଗିରି ହସ୍ପିଟାଲରେ ଗୁରୁତ୍ୱର ହୋଇଛନ୍ତି ସାଇଗଣେଷ ଟିଉଟୋରିଆଲରେ ଛାତ୍ରଛାତ୍ରୀମାନେ ଗୁରୁବାର ରାତିରେ ସୋୟାବିନ୍ ତରକାରୀ ଓ ସାଲାଡ୍ ଖାଇବା ପରେ ହଠାତ୍ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡିଥିଲା ସମସ୍ତେ ନୀଳଗିରି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ସୋୟାବିନ୍ ବଡି ୨୦୧୨ମସିହାର ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।




# ପ୍ୟାନ୍ -ଆଧାର ଲିଙ୍କ କରି ନାହାନ୍ତି, ଜାଣନ୍ତୁ କଣ କରିବେ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଯଦି ଆପଣ ପ୍ୟାନ୍ ଆଧାର ଲିଙ୍କ କରିନାହିଁନ୍ତି ତାହେଲେ ହୋଇଯାଆନ୍ତୁ ସାବଧାନ। ଦେବାକୁ ପଡିପାରେ ୫୦୦ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଫାଇନ୍। ମାର୍ଚ୍ଚ ୩୧ଯାଏଁ ଥିଲା ପ୍ୟାନ-ଆଧାର ଲିଙ୍କ କରିବାର ସମୟସୀମା ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ ନିଷ୍ପତ୍ତି ନେଇଛି ଯଦି ଆପଣ ଏହି ସମୟସୀମା ମଧରେ ପ୍ୟାନ୍ ସହ ଆଧାର ଲିଙ୍କ କରିନାହିଁନ୍ତି ତେବେ ଫାଇନ ଦେବାକୁ ପଡିବ। କିନ୍ତୁ ତିନିମାସ ମଧରେ ପ୍ରିକିୟା ସାରିବାକ କହୁଯାଇଛି। ଅର୍ଥାତ ଜୁନ୍ ୩୦,୨୦୨୨ସୁଦ୍ଧା ଡେଡଲାଇନ ରହିଛି। ଯଦି ଆପଣ ଏହା କରିବାକୁ ଅସମର୍ଥ ତେବେ ଆପଣଙ୍କୁ ଦୁଇଗୁଣ ଜରିମାନା ଦେବାକୁ ପଡିବ। ତେବେ ସିବିଡିଟି ସ୍ପଷ୍ଟ କରିଛି ଯେ ଅପଣଙ୍କ ଲିଙ୍କ୍ ହୋଇଥିବା ପାନ୍ ମାର୍ଚ୍ଚ ୩୧, ୨୦୨୩ପର୍ଯ୍ୟନ୍ତ ବୈଧ ରହିବ। ଯଦି ପ୍ରକ୍ରିୟା ସମ୍ପୂର୍ଣ୍ଣ ନହୁଏ ତେବେ ଆପଣଙ୍କୁ ଦୁଇଗୁଣ ଜରିମାନା ଦେବାକୁ ପଡିବ।




ତେବେ ସିବିଡିଟି ସ୍ପଷ୍ଟ କରିଛି ଯେ ଅଣଙ୍କ ଲିଙ୍କ୍ ହୋଇଥିବା ପାନ୍ ମାର୍ଚ୍ଚ ୩୧,୨୦୨୩ ପର୍ଯ୍ୟନ୍ତ ବୈଧ ରହିବ। ଯଦି ଲିଙ୍କ୍ ପ୍ରକିୟା ସମ୍ପୂର୍ଣ୍ଣ ନହୁଏ ତେବେ ଏହି ତାରିଖ ପରେ ଆପଣଙ୍କର ପାନ୍ କାର୍ଯ୍ୟକ୍ଷମ ହେବନି। ଟିକସଦାତାମାନେ ଆୟକର ପୋର୍ଟାଲ ଯାଂଚ କରିବା ଉଚିତ ଏବଂ ଆଧାର ଓ ପ୍ୟାନ ଲିଙ୍କ୍ ହୋଇଥିବା ସୁନିଶ୍ଚିତ କରିବା ଉଚିତ୍ ।ଟିକସ ଏବଂ ପରାମର୍ଶଦାତା ସଂସ୍ଥ ଏକେମ ଗ୍ଲୋବାଲ, ଟ୍ୟାକ୍ସ ପାର୍ଟନର ଅମିତ ମହେଶ୍ୱରୀ କହିଛନ୍ତି ଯେ କେତେକ କ୍ଷେତ୍ରରେ ଏମାନଙ୍କ ପାଖରେ ଆଧାର ନାହିଁ। ଅନେକ ଆର୍ଥିକ କାରବାର ପାଇଁ ଏକ ନିଷ୍କ୍ରିୟ ପାନ୍ ବିପର୍ଯ୍ୟସ୍ତ ହୋଇପାରେ । ଚାର୍ଟର୍ଡ କ୍ଲବ୍ ପ୍ରତିଷ୍ଠାତା ଚାର୍ଟର୍ଡ ଆକାଉଣ୍ଟାଣ୍ଟ କରଣ ବାତ୍ରା କୁହନ୍ତି, ଗୋଟିଏ ପାଇଁ ଆପଣ ପାନ୍ ବିନ୍ ଆପଣଙ୍କର ଆୟକର ରିଟର୍ଣ୍ଣ ଦାଖଲ କରିପାରିବେ ନାହିଁ। ଆହୁରି ମଧ , ଆପଣଙ୍କର ମ୍ୟୁଚୁଆଲ୍ ଫଣ୍ଡ ଲିଙ୍କ୍ ନହୁଏ ତେବେ ଆପଣ ଏକ ନୂତନ ବ୍ରୋକିଂ କିମ୍ବା ଡେମାଟ୍ ଆକାଉଣ୍ଟ୍ ଖୋଲିବାକୁ ସମର୍ଥ ହେବେ ନାହିଁ ।

# ଆଜାଦି କା ଅମୃତ ମହୋତ୍ସବ ପ୍ରତିଯୋଗିତା

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ପୌରାଞ୍ଚଳର ମାର୍କଣ୍ଡପୁର ସ୍ଥିତ ବୃନ୍ଦାବନ ସରାକାରୀ ଉଚ୍ଚବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀ ପ୍ରକୋଷ୍ଠରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ଆଞ୍ଚଳିକ ଜନସଂପର୍କ କାର୍ଯ୍ୟାଳୟ ତରଫରୁ ଆଜାଦିକା ଅମୃତ ମହୋତ୍ସବର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରାରମ୍ଭିକ କାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ୭୫ ଦିନିଆଁ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶବକ୍ତିର ଉଦ୍ରେକ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ନେଇ ରଂଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯାହାର ଶୀର୍ଷକ ଥିଲା ମୁଁ ଭାରତୀୟ ବୋଲି ଗର୍ବିତ। ସାଇଜ୍ଞାନ ପ୍ଲେ ସ୍କୁଲ ଜୟବଡ ପରିସରରେ କୁନି କୁନି ପିଲା ମାନଙ୍କୁ ନେଇ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ରଙ୍ଗରଙ୍ଗିଆ ପୋଷାକ ପିନ୍ଧି ଭଗତ ସିଂ,ନେତାଜୀ ,ସର୍ଦ୍ଦାର ପଟେଲ,ପଣ୍ଡିତ ନେହେରୁ ଓ ମହାତ୍ମାଗାନ୍ଧୀ ବେଶ ହୋଇ ପିଲାମାନେ ଦେଶଭକ୍ତି ଗୀତ ପରିବେଷଣ କରିଥିଲେ। ସୂଚନା ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ଆଜି ପୁରସ୍କାର ବିତରଣ ସଭା ବୃନ୍ଦାବନ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଭାଷଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀରଂଜନ ପଟ୍ଟନାୟକ କହିଲେ ଦେଶ ମାତୃକାରସେବାରେ ଆମ କୁନି ପିଲାମାନେ ଏହି ଛୋଟ ବୟଷରୁ ପ୍ରୟାସ କରିବା ଏକ ଶୁଭ ସୂଚନା। ଆମ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ସବୁ ଦେଶବାସୀ ଯତ୍ନ କରିବା ଆବଶ୍ୟକ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଆଇଜାକ୍ ମହାନ୍ତି ,ସମ୍ମାନୀତ ଅତିଥି ଭାବେ ସାଇଜ୍ଞାନ ପ୍ଲେ ସ୍କୁଲର ଅଧକ୍ଷା ପ୍ରଜ୍ଞାପାରମିତା ଚୌଧୁରୀ ଯୋଗଦେଇ କହିଲେ ପିଲା ମାନଙ୍କ ଭିତରେ ଅଜସ୍ର ସଂଭାବନା ଲୁଚି ରହିଛି। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପ୍ରତିଭା ଚୟନ କରି ତାକୁ ଲୋକ ଲୋଚନକୁ ଆଣି ସମ୍ବର୍ଦ୍ଧିତ କରିବା ଦ୍ୱାରା ପିଲାଏ ଆହୁରୀ ଭଲ କରିବାକୁ ପ୍ରେରଣା ପଇଛନ୍ତି। ପରେ କୃତି ପ୍ରତିଯୋଗି ମାନଙ୍କ ମଧରେ ରଂଗୋଲି କାର୍ଯ୍ୟକ୍ରମରେ ଜ୍ୟୋତିଶ୍ରୀ ବେହେରା ପ୍ରଥମ,ମନୀଷା ମଲ୍ଲିକ ଦ୍ୱିତୀୟ,ଶୁଭମ କୁମାର ବେହେରା ତୃତୀୟ ସ୍ଥାନ ଏବଂ କୌତୁକ ପୋଷାକରେ ଆୟଂଶ ନାୟକ,ପ୍ରଥମ,ସେକ୍ ଆଫାମ ସହୀଦ ହୁସେନ ଦ୍ୱିତୀୟ,ଦେବାଂଗୀ ଦାସ ଅର୍ବି ଅଭିପ୍ସା ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ଜଗନ୍ନାଥ ସାହୁ ସାନ୍ତ୍ୱନା ମୁଳକ ପୁରସ୍କାର ପାଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଯୋଗମାୟା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନାରେ ସାଇଜ୍ଞାନ ପ୍ଲେ ସ୍କୁଲର ମିସ୍ ସୋନମ ପ୍ରିୟାଂଶୀ,ବୃନ୍ଦାବନ ବିଦ୍ୟାଳୟର ଶିକ୍ଷକସତ୍ୟଜୀତ ଶତପଥି,ନିହାରିକା ମହାନ୍ତି,ଚିନ୍ମୟୀ ଆଚାର୍ଯ୍ୟ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ସହାୟତା କରିଥିଲେ।




# ବନ୍ଧା ହେଲେ ତହସିଲ ସେକ୍ସନ ଅଫିସର

**ବଲାଙ୍ଗୀର(ସଂପର୍କବାର୍ତ୍ତା):-** ଭିଜିଲାନ୍ସ ଜାଲରେ ପୁଣି ଜଣେ ବଡବାବୁ ଜବତ ଟ୍ରକ୍ଟର ରିଲିଜ ପାଇଁ ଅଫିସରେ ଲାଂଚ ନେଇଥିବା ବେଳେ ମାଡି ବସିଲା ଭିଜିଲାନ୍ସ ଟିମ୍ ବଲାଙ୍ଗୀର ଆଗଲପୁର ତହସିଲର ସେକ୍ସନ ଅଫିସର କିଶୋର ଖର୍ସେଲ ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି। ଜବତ ଟ୍ରକ୍ଟରକୁ ଛାଡିଦେବା ପାଇଁ ମାଲିକଙ୍କ ଠାରୁ ୩୫ହଜାର ଟଙ୍କା ଲାଂଚ ନେଉଥିଲେ। କାର୍ଯ୍ୟାଳୟରେ ଲାଂଚ ନେବା ବେଳେ ଭିଜିଲାନ୍ସ କାବୁକରି ତାଙ୍କ ଠାରୁ କେମିକାଲ ବୋଳା ୩୫ହଜାର ଟଙ୍କା ଜବତ କରିଛି। ଆଗଲପୁର ବ୍ଲକ ବିନ୍ଧାପାଲି ଗ୍ରାମର କୃଷ୍ଣଚନ୍ଦ୍ର ସାହୁ କୁକୁଡା ଫାର୍ମ ମରାମତି ପାଇଁ ନଈରୁ ବାଲି ନେଉଥିବା ବେଳେ ବେଆଇନ ବାଲି ଚାଲାଣ ନେଇ ଥିବଆଇ ଟ୍ରକ୍ଟର ଜବତ କରି ୧ଲକ୍ଷ ୧୫ହଜାର ଟଙ୍କା ଫାଇନ କରିଥିଲେ। ଫାଇନ୍ ଡିପୋଜିଟ୍ କଲେ ଜବତ ଟ୍ରକ୍ଟର ଛଡାଯିବ ବୋଲି ସେକ୍ସନ ଅଫିସର କହିଥିଲେ। ନଚେତ ୪୫ହଜାର ଟଙ୍କା ଲାଂଚ ଦେଲେ ଛାଡିଯିବ ବୋଲି କହିଥିଲେ। ଏନେଇ ଟ୍ରାକ୍ଟର ମାଲିକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ତେବେ ଗତକାଲି ସଂଧ୍ୟା ସମୟରେ ୩୫ହଜାର ଲାଂଚ ଦେଉଥିବା ଭିଜିଲାନ୍ସ କାବୁ କରିଥିଲେ। ଗିରଫ୍ ପରେ ସେକ୍ସନ୍ ଅଫିସରଙ୍କ ବଲାଙ୍ଗୀର ହାତୀଶାଳପଡାଠାରେ ଥିବା ସରକାରୀ କ୍ୱାର୍ଟରରେ ମଧ ଭିଜିଲାନ୍ସ ଚଢାଉ କରିଥିଲେ। ବଲାଙ୍ଗୀର ଭିଜିଲାନ୍ସ ଡିଏସପି ପୁଲସି ଛତ୍ରିଆଙ୍କ ନେତୃତ୍ୱରେ କାବୁ କରିଥିଲା ବଲାଙ୍ଗୀର ଭିଜିଲାନ୍ସ ଟିମ୍।



